B MR
11-1-2017

90

Gr10-864 12/01/17

GOVERNMENT OF ODISHA
WOMEN & CHILD DEVELOPMENT DEPARTMENT

No. WCD-WW-SCHM- 0010-2015 21754 /WCD Dt. 27/12/16

From:

**D. Prasanth Kumar Reddy, IAS**
Director, Social Welfare

To

**The Addl. Secretary to Government**
**All Departments.**

Sub: State level Training Programme on Sexual Harassment of Women at Workplace (Prevention, Prohibition & Redressal) Act 2013

Madam/Sir,

Inviting a reference to the subject cited above, I am directed to send herewith the copy of the Training Report on state level Training for members of the Internal Complaints committee(ICC) on Sexual Harassment of Women at Workplace (Prevention, Prohibition & Redressal) Act 2013 held on 22.10.2016 for information.

It is requested to go through the report and take action on the following points :-

- ICC is to be constituted as per the provisions.
- Name & Contact no of each member of ICC should be uploaded in the respective Departmental website & also displayed in the office notice board.
- Each ICC can take up some kind of sensitization programme of the personnel in their Departments at state and district level.
- Annual Reporting has to be done in time.
- English & Odia FAQ developed by SRCW (copy attached) to be uploaded in each Department website.

09/01/17

Yours faithfully,

Director, Social Welfare

Memo No. 21755 Dt. 27/12/16

Copy forwarded to the State Project Co-ordinator, SRCW, W&CD Department for information.

26/12/16
Deputy Secretary to Government

GOVERNMENT OF ODISHA
FOOD SUPPLIES AND CONSUMER WELFARE DEPARTMENT

........

Memo No. 2309 /FS&CW Date. 31-1-17
O.E.Misc.7/17

Copy with copy of the enclosures in Odia and English forwarded to Internal Complaints Committee Members on the sexual harassment of women at workplace (Prevention ,Prohibition and Redressal) Act,2013, F.S & C.W. Department/Computer Cell for information and necessary action.

Computer Cell is requested to upload the same in the Department Website.

31-01-17
Under Secretary to Government

# ପ୍ରଶ୍ନ ଉତ୍ତର ପୁସ୍ତିକା

# କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ଯୌନ ନିର୍ଯ୍ୟାତନା (ନିବାରଣ, ନିଷେଧ ଓ ନିରାକରଣ) ଆଇନ୍ ୨୦୧୩

ରାଜ୍ୟ ମହିଳା ସମ୍ବଳ କେନ୍ଦ୍ର
ମହିଳା ଓ ଶିଶୁ ବିକାଶ ବିଭାଗ
ଓଡ଼ିଶା ସରକାର
୨୦୧୪

## ପ୍ରଶ୍ନ ଉତ୍ତର ପୁସ୍ତିକା

# କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ଯୌନ ନିର୍ଯ୍ୟାତନା (ନିବାରଣ, ନିଷେଧ ଓ ନିରାକରଣ) ଆଇନ୍ ୨୦୧୩

ରାଜ୍ୟ ମହିଳା ସମ୍ବଳ କେନ୍ଦ୍ର
ମହିଳା ଓ ଶିଶୁ ବିକାଶ ବିଭାଗ
ଓଡ଼ିଶା ସରକାର
୨୦୧୫

୧. କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ଯୌନ ନିର୍ଯ୍ୟାତନା (ନିବାରଣ, ନିଷେଧ ଓ ନିରାକରଣ) ଆଇନ ୨୦୧୩ କେବେ ପାରିତ ହୋଇଥିଲା ?

ଉ – ଏପ୍ରିଲ୍ ୨୨, ୨୦୧୩ ମସିହାରେ ଏହି ଆଇନ ପାରିତ କରାଯାଇଥିଲା ଏବଂ ଏହାର ନିୟମାବଳୀ ୯ ଡିସେମ୍ବର, ୨୦୧୩ରେ ପାରିତ ହୋଇଥିଲା ।

୨. ଏହି ଆଇନର ମୂଳଲକ୍ଷ୍ୟ କ'ଣ ?

ଉ – ଏହି ଆଇନର ମୂଳଲକ୍ଷ୍ୟ ହେଲା

କ) କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ହେଉଥିବା ଉତ୍ପୀଡନ ବିପକ୍ଷରେ ସୁରକ୍ଷା

ଖ) ଏହାର ନିଷେଧ

ଗ) ଯୌନ ଉତ୍ପୀଡନ ଅଭିଯୋଗର ନିରାକରଣ

୩. ଯୌନ ଉତ୍ପୀଡନ କହିଲେ କ'ଣ ବୁଝାଯାଏ ?

ଉ – ଯୌନ ଉତ୍ପୀଡ଼ନର କହିଲେ ନିମ୍ନୋକ୍ତ ଯେ କୌଣସି ଏକ ବା ଏକାଧିକ ଅବାଞ୍ଛିତ କାର୍ଯ୍ୟ ବା ବ୍ୟବହାର (ସିଧାସଳଖ କିମ୍ବା ଇଙ୍ଗିତରେ)କୁ ବୁଝାଏ-

କ) ଦୈହିକ ସ୍ପର୍ଶ ଏବଂ ଆଗୁସାର; କିମ୍ବା

ଖ) ଯୌନସ୍ଫୁର୍ତ୍ତି ପାଇଁ ଦାବୀ ବା ଅନୁରୋଧ କରିବା; କିମ୍ବା

ଗ) ଯୌନାର୍ଥ ବୋଧକ ମନ୍ତବ୍ୟ ଦେବା; କିମ୍ବା

ଘ) ଅଶ୍ଳୀଳ ଛବି ପ୍ରଦର୍ଶନ କରିବା; କିମ୍ବା

ଙ) ଅନ୍ୟ ଯେକୌଣସି ଅବାଞ୍ଛିତ ଦୈହିକ, ବାଚନିକ ବା ଅବାଚନିକ ଯୌନାର୍ଥ ବୋଧକ ଆଚରଣ ।

୪. ଆଇନ୍ ଅନୁଯାୟୀ ପୀଡ଼ିତା ମହିଳା କହିଲେ କାହାକୁ ବୁଝାଯାଏ ?

ଉ – ଆଇନ୍ ଅନୁଯାୟୀ (ଧାରା ୨କ) ପୀଡ଼ିତା ମହିଳା କହିଲେ –

କ) ଏକ କାର୍ଯ୍ୟସ୍ଥଳୀ ସହିତ ସଂପର୍କୀତ ଜଣେ ମହିଳା, ସେ ଯେକୌଣସି ବୟସର ହୋଇଥାନ୍ତୁ ନା କାହିଁକି ଏବଂ ସେ ନିଯୁକ୍ତି ପାଇଥାନ୍ତୁ ବା ନପାଇଥାନ୍ତୁ ଯଦି ସେ ପ୍ରତିବାଦୀଙ୍କ ଦ୍ୱାରା ଯୌନ ଉତ୍ପୀଡନର ଶୀକାର ହୋଇଛନ୍ତି ବୋଲି ଅଭିଯୋଗ ଆଣିଥାନ୍ତି;

ଖ) ଏକ ବାସସ୍ଥାନ ବା ଗୃହ ସଂପର୍କୀତ ଜଣେ ମହିଳା, ସେ ଯେକୌଣସି ବୟସର ହୋଇଥାନ୍ତୁ ନା କାହିଁକି ଯଦି ସେ ସଂପୃକ୍ତ ବାସସ୍ଥାନ ବା ଗୃହରେ ନିଯୁକ୍ତ ହୋଇଥାନ୍ତି;

**୫. ‘ପ୍ରତିବାଦୀ/ପ୍ରତିପକ୍ଷ’ କହିଲେ କାହାକୁ ବୁଝାଯାଏ ?**

ଉ – ‘ପ୍ରତିବାଦୀ/ପ୍ରତିପକ୍ଷ’ କହିଲେ ସେହି ବ୍ୟକ୍ତି ଯାହାଙ୍କ ବିରୋଧରେ ଆଇନ୍ ଧାରା ୨ (ଡ) ଅଧିନରେ ପୀଡିତା ଅଭିଯୋଗ କରିଥାନ୍ତି ।

**୬. ଆଇନ୍ ଅନୁଯାୟୀ ‘କର୍ମକ୍ଷେତ୍ର’ କହିଲେ କ’ଣ ବୁଝାଯାଏ ?**

ଉ – ଧାରା ୨ (ଣ) ଅନୁସାରେ କର୍ମକ୍ଷେତ୍ର କହିଲେ -

କ) ଯେକୌଣସି ବିଭାଗ, ସଂଗଠନ, ଉଦ୍ୟୋଗ, ପ୍ରତିଷ୍ଠାନ, ଅନୁଷ୍ଠାନ, ବ୍ୟବସାୟିକ ଉଦ୍ୟୋଗ, ଅଫିସ୍, ଶାଖା କିମ୍ବା ୟୁନିଟ୍ ଯାହାକି ସମୁଚିତ ସରକାର, ସ୍ଥାନୀୟ କର୍ତ୍ତୃପକ୍ଷ, ସରକାରୀ କମ୍ପାନୀ ବା କର୍ପୋରେସନ୍ ବା ସମବାୟ ସଂସ୍ଥା ଦ୍ୱାରା ସ୍ଥାପିତ, ମାଲିକାନାଧୀନ, ନିୟନ୍ତ୍ରୀତ ହେଉଥିବେ ଅଥବା ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ସଂପୂର୍ଣ୍ଣ ବା ଆଂଶିକ ଭାବେ ପ୍ରଭୂତ ଆର୍ଥିକ ସହାୟତା ଲାଭ କରିଥିବେ ।

ଖ) ଯେ କୌଣସି ଘରୋଇ କ୍ଷେତ୍ରର ସଂଗଠନ ବା ଘରୋଇ ଉଦ୍ୟୋଗ, ଅନୁଷ୍ଠାନ, ପ୍ରତିଷ୍ଠାନ, ସୋସାଇଟି, ଟ୍ରଷ୍ଟ, ବେସରକାରୀ ସଂଗଠନ, ୟୁନିଟ୍ ବା ବାଣିଜ୍ୟିକ, ବୃତ୍ତିଗତ,





ଧନ୍ଦାମୂଳକ, ଶିକ୍ଷାଗତ, ମନୋରନ ସଂପର୍କୀତ, ଶିଳ୍ପଜାତ, ସ୍ୱାସ୍ଥ୍ୟଗତ ସେବା ଯୋଗାଣ ଅଥବା ଉତ୍ପାଦନ, ଯୋଗାଣ, ବିକ୍ରୟ, ବଣ୍ଟନ ବା ସେବା ପ୍ରଦାନ ସମେତ ବିତ୍ତୀୟ କାର୍ଯ୍ୟକଳାପ କ୍ଷେତ୍ରରେ କ୍ରିୟାଶୀଳ ଥିବା ସେବା ଯୋଗାଣକାରୀ ସଂସ୍ଥା ।

ଗ) ଡାକ୍ତରଖାନା ଓ ନର୍ସିଂହୋମ୍ ।

ଘ) ଆବାସିକ ହେଉ ବା ନହେଉ କୌଣସି କ୍ରୀଡ଼ା ପ୍ରତିଷ୍ଠାନ, ଷ୍ଟାଡ଼ିୟମ୍, କ୍ରୀଡ଼ା କମ୍ପ୍ଲେକ୍ସ ବା ପ୍ରତିଯୋଗିତା ବା କ୍ରୀଡ଼ା ସ୍ଥଳ ଯଦି ତାଲିମ୍, କ୍ରୀଡ଼ା ବା ଅନ୍ୟାନ୍ୟ କୌଣସି ଆନୁସଙ୍ଗିକ କାର୍ଯ୍ୟ ପାଇଁ ବ୍ୟବହୃତ ହେଉଥାଏ ।

ଙ) ସଂପୃକ୍ତ କର୍ମୀ କାର୍ଯ୍ୟସମ୍ପାଦନର ଆବଶ୍ୟକତା କାରଣରୁ ଅଥବା ସେହି ପ୍ରକ୍ରିୟାରେ ସେ ଯେଉଁ ସ୍ଥାନକୁ ଗସ୍ତ କରିଥିବେ ଏବଂ ଏହାର ପରିସରଭୁକ୍ତ ହେବ ଗସ୍ତ ଉଦ୍ଦେଶ୍ୟରେ ନିଯୁକ୍ତିଦାତା ଯୋଗାଇଦେଇଥିବା ପରିବହନ ।

ଚ) ଏକ ବାସସ୍ଥଳୀ ବା ଏକ ଗୃହ ।

**୭. କେଉଁ ମାନଙ୍କୁ ‘କର୍ମଚାରୀ’ କୁହାଯାଇ ପାରିବ ?**

ଉ – ‘କର୍ମଚାରୀ’ର ଅର୍ଥ ଜଣେ ବ୍ୟକ୍ତି, ଯେ କି ନିଯୁକ୍ତିର ସର୍ତ୍ତାବଳୀ ବ୍ୟକ୍ତ କିମ୍ବା ଅବ୍ୟକ୍ତ ହୋଇଥାଉ, ଏକ କାର୍ଯ୍ୟସ୍ଥଳୀରେ ସିଧାସଳଖ ବା ଠିକାଦାର ସମେତ କୌଣସି ସଂସ୍ଥା ମାଧ୍ୟମରେ, ମୁଖ୍ୟ ନିଯୁକ୍ତିଦାତାଙ୍କ ଜ୍ଞାତ ବା ଅଜ୍ଞାତରେ, ନିୟମିତ, ଅସ୍ଥାୟୀ, କାମଚଳା ବା ଦୈନିକ ମଜୁରି ଭିତ୍ତିରେ, ପାରିଶ୍ରମିକ ଭିତ୍ତିରେ କିମ୍ବା ବିନା ପାରିଶ୍ରମିକରେ, ସ୍ୱଇଚ୍ଛାରେ ବା ଅନ୍ୟ ପ୍ରକାରେ ନିଯୁକ୍ତ ହୋଇଥିବେ ଏବଂ ଏହି ଶବ୍ଦର ପରିସର ଭିତରେ

ଅନ୍ତର୍ଭୁକ୍ତ ହେବ । ଏହା ବ୍ୟତିତଜଣେ ସହ-ଶ୍ରମିକ, ଠିକା ଶ୍ରମିକ, ପ୍ରଶିକ୍ଷାର୍ଥୀ, ତାଲିମାର୍ଥୀ ବା ଅନ୍ୟ କୌଣସି ବ୍ୟକ୍ତି ଯେ କି ଅନ୍ୟ ଯେ କୌଣସି ନାମରେ ପରିଚିତ ହୋଇଥିବେ, ତାଙ୍କୁ କର୍ମଚାରୀ କୁହାଯାଇ ପାରିବ ।

୮. 'ନିଯୁକ୍ତିଦାତା'ର ଅର୍ଥ କ'ଣ ?

ଉ - କ) ସଂପୃକ୍ତ ସରକାର କିମ୍ବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଏକ ବିଭାଗ, ସଂଗଠନ, ଉଦ୍ୟୋଗ, ପ୍ରତିଷ୍ଠାନ, ବ୍ୟବସାୟିକ ଉଦ୍ୟୋଗ, ଅନୁଷ୍ଠାନ, ଅଫିସ୍, ଶାଖା ବା ୟୁନିଟ୍ କ୍ଷେତ୍ରରେ ସଂପୃକ୍ତ ବିଭାଗର ସଂଗଠନ, ଉଦ୍ୟୋଗ, ପ୍ରତିଷ୍ଠାନ, ବ୍ୟବସାୟିକ ଉଦ୍ୟୋଗ, ଅନୁଷ୍ଠାନ, ଅଫିସ୍, ଶାଖା ବା ୟୁନିଟ୍ ସଂପୃକ୍ତ ସରକାର କିମ୍ବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଶାଖା ବା ୟୁନିଟ୍‌ର ମୁଖ୍ୟ, ଅଥବା ଏଭଳି ଜଣେ ଅଫିସ୍‌ର ଯାହାଙ୍କୁ ସମ୍ପୃକ୍ତ ସରକାର ବା ସ୍ଥାନୀୟ କର୍ତ୍ତୃପକ୍ଷ ଏଥି ଉଦ୍ଦେଶ୍ୟରେ ଜାରି ହୋଇଥିବା ଆଦେଶ ବଳରେ ବିନିର୍ଦ୍ଦିଷ୍ଟ କରିଥିବେ ।

ଖ) ଉପରୋକ୍ତ ଉପପ୍ରକରଣ (କ) ରେ ପରିସରଭୁକ୍ତ ହୋଇନଥିବା ଏକ କାର୍ଯ୍ୟସ୍ଥଳୀ କ୍ଷେତ୍ରରେ କାର୍ଯ୍ୟସ୍ଥଳୀର ପରିଚାଳନା, ତତ୍ତ୍ୱାବଧାନ ଏବଂ ନିୟନ୍ତ୍ରଣ ପାଇଁ ଦାୟିତ୍ୱବଦ୍ଧ ଥିବା ବ୍ୟକ୍ତିବିଶେଷ ।

ସ୍ପଷ୍ଟୀକରଣ - ଏହି ଉପପ୍ରକରଣ ଉଦ୍ଦେଶ୍ୟରେ ପରିଚାଳନା (ମ୍ୟାନେଜ୍‌ମେଣ୍ଟ)ର ପରିସରଭୁକ୍ତ ହେବ ଜଣେ ବ୍ୟକ୍ତି, କମିଟି ବା ବୋର୍ଡ ଯେ କି ସଂପୃକ୍ତ ସଂଗଠନର ନୀତି ସମୂହର ନିର୍ଦ୍ଧାରଣ ଓ ପ୍ରଶାସନ ପାଇଁ ଉତ୍ତରଦାୟୀ ଅଟନ୍ତି ।





ଗ) ଉପପ୍ରକରଣ (କ) ଓ (ଖ)ର ପରିସରଭୁକ୍ତ ହୋଇଥିବା କାର୍ଯ୍ୟସ୍ଥଳୀ ପରିପ୍ରେକ୍ଷୀରେ ନିଜ କର୍ମଚାରୀଙ୍କ ପ୍ରତି ଦାୟିତ୍ୱ ସଂପାଦନ ପାଇଁ ଚୁକ୍ତିବଦ୍ଧ ହୋଇଥିବା ବ୍ୟକ୍ତି ।

ଘ) କୌଣସି ଗୃହ କିମ୍ବା ବାସସ୍ଥାନ ପରିପ୍ରେକ୍ଷୀରେ ସେହି ବ୍ୟକ୍ତି ବା ପରିବାର ଯେ କି ଗୃହକର୍ମୀଙ୍କୁ ନିଯୁକ୍ତି ଦେଇଥାନ୍ତି ଅଥବା ତାଙ୍କର ନିଯୁକ୍ତି ଦ୍ୱାରା ଉପକୃତ ହୋଇଥାଆନ୍ତି - ନିଯୁକ୍ତ ବ୍ୟକ୍ତିଙ୍କ ସଂଖ୍ୟା, ନିଯୁକ୍ତିର ସମୟ ଅବଧି ବା ନିଯୁକ୍ତ କର୍ମୀଙ୍କ ପ୍ରକାରଭେଦ ଅଥବା ଗୃହକର୍ମୀଙ୍କ ନିଯୁକ୍ତି ବା ତାଙ୍କ ଦ୍ୱାରା ସଂପାଦିତ କାର୍ଯ୍ୟର ପ୍ରକାରଭେଦ ଯାହା ହୋଇଥାଉନା କାହିଁକି ।

୯. 'ନିଯୁକ୍ତିଦାତା'ଙ୍କର କର୍ତ୍ତବ୍ୟ ଗୁଡିକ କ'ଣ ?

ଉ - ଅଧିନିୟମର ଧାରା ୧୯ ଅନୁସାରେ ପ୍ରତ୍ୟେକ ନିଯୁକ୍ତିଦାତା -

କ) କାର୍ଯ୍ୟସ୍ଥଳୀରେ ଏକ ଶ୍ରମ-ଅନୁକୂଳ ପରିବେଶ ସୃଷ୍ଟି କରିବେ, ଯେଉଁଥିରେ ଅର୍ନ୍ତଭୁକ୍ତ ହେବ କାର୍ଯ୍ୟସ୍ଥଳୀ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିମାନଙ୍କ ଠାରୁ ସୁରକ୍ଷା ।

ଖ) ଯୌନ ଉତ୍ପୀଡନ ପରିଣତି ସ୍ୱରୂପ ଆଇନଗତ ଦଣ୍ଡ ବ୍ୟବସ୍ଥା ଏବଂ ଧାରା ୪ର ଉପଧାରା (୧) ଅଧିନରେ ଆଭ୍ୟନ୍ତରୀଣ କମିଟିର ଗଠନ ସଂକ୍ରାନ୍ତୀୟ ଆଦେଶକୁ କାର୍ଯ୍ୟସ୍ଥଳୀର ଏକ ସୁଦୃଶ୍ୟ ସ୍ଥାନରେ ପ୍ରଦର୍ଶନ କରିବେ ।

ଗ) କର୍ମଚାରୀମାନଙ୍କୁ ଆଇନର ବ୍ୟବସ୍ଥାବଳୀ ସମ୍ବନ୍ଧରେ ଜାଗ୍ରତ କରିବା ପାଇଁ ତଥା ଆଭ୍ୟନ୍ତରୀଣ କମିଟିର ସଭ୍ୟମାନଙ୍କର ମତିଗତିର ପରିବର୍ତ୍ତନ ପାଇଁ ବିହିତ ହେବାକୁ ଥିବା ପଦ୍ଧତିରେ

କର୍ମଶାଳା ଓ ସଚେତନତା କାର୍ଯ୍ୟକ୍ରମସମୂହ ନିୟମିତ ଅନ୍ତରାଳରେ ଆୟୋଜନ କରିବେ ।

ଘ) ଗୋଟିଏ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ତଦନ୍ତର ପରିଚାଳନା ପାଇଁ ଯଥାସ୍ଥିତି ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ କମିଟିକୁ ଆବଶ୍ୟକ ସୁବିଧାମାନ ଯୋଗାଇ ଦେବେ ।

ଙ) ଯଥାସ୍ଥିତି ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ କମିଟିଙ୍କ ସମ୍ମୁଖରେ ପ୍ରତିପକ୍ଷ ଓ ସାକ୍ଷୀମାନଙ୍କ ହାଜିରାକୁ ସୁନିଶ୍ଚିତ କରାଇବାରେ ସାହାଯ୍ୟ କରିବେ ।

ଚ) ଧାରା ୯ର ଉପଧାରା (୧) ଅଧିନରେ ଦାଖଲ ହୋଇଥିବା ଏକ ଅଭିଯୋଗ ସମ୍ବନ୍ଧରେ ଯଥାସ୍ଥିତି ଆଭ୍ୟନ୍ତରୀଣ କିମ୍ବା ସ୍ଥାନୀୟ କମିଟି ଆବଶ୍ୟକ କରୁଥିବା ତଥ୍ୟାବଳୀ ଯୋଗାଇଦେବେ ।

ଛ) ଯଦି ଜଣେ ମହିଳା ଭାରତୀୟ ଦଣ୍ଡ ସଂହିତା କିମ୍ବା ବର୍ତ୍ତମାନ ବଳବତ୍ତର ଥିବା ଅନ୍ୟ କୌଣସି ଆଇନ୍ ଅଧିନସ୍ଥ ଏକ ଅପରାଧ ଉପରେ ଏକ ଅଭିଯୋଗ ଦାଖଲ କରିବାକୁ ଚାହିଁବେ ତାଙ୍କୁ ସହାୟତା ଯୋଗାଇଦେବେ ।

ଜ) ଯଦି ଯୌନ ଉତ୍ପୀଡନର ଘଟଣାଟି ଯେଉଁ କାର୍ଯ୍ୟସ୍ଥଳୀରେ ଘଟିଲା, ସଂପୃକ୍ତ ଦୁଷ୍କୃତିକାରୀ ତାହାର ଜଣେ କର୍ମଚାରୀ ହୋଇନଥିବେ, ତେବେ ପୀଡିତା ମହିଳା ଚାହିଁବା ମୁତାବକ ସଂପୃକ୍ତ ଦୁଷ୍କୃତିକାରୀ ବିରୁଦ୍ଧରେ ଭାରତୀୟ ଦଣ୍ଡ ସଂହିତା କିମ୍ବା ବର୍ତ୍ତମାନ ବଳବତ୍ତର ଥିବା ଅନ୍ୟ କୌଣସି ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବେ ।





ଝ) ଯୌନ ଉତ୍ପୀଡନକୁ ଚାକିରି ନିୟମାବଳୀ ଅଧିନରେ ଏକ ଅସଦାଚରଣ ଭାବେ ବିବେଚନା କରିବେ ଏବଂ ଏପ୍ରକାର ଅସଦାଚରଣ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବେ ।

ଞ) ଆଭ୍ୟନ୍ତରୀଣ କମିଟିଙ୍କର ସମୟାନୁବର୍ତ୍ତୀ ରିପୋର୍ଟ ଦାଖଲକୁ ତଦାରଖ କରିବେ ।

**୧୦. ଉପଯୁକ୍ତ ସରକାର'ର ଅର୍ଥ କ'ଣ ?**

ଉ - ଏକ କାର୍ଯ୍ୟସ୍ଥଳୀ ପରିପ୍ରେକ୍ଷୀରେ ଯଦି ତାହା ପ୍ରତିଷ୍ଠିତ, ମାଲିକାନାଧୀନ, ନିୟନ୍ତ୍ରିତ ବା ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଭାବେ ବେଶ୍ ଅର୍ଥପୁଷ୍ଟ ହୋଇଥାଏ-

(କ) କେନ୍ଦ୍ର ସରକାର ବା କେନ୍ଦ୍ରାଞ୍ଚଳ ପ୍ରଶାସନ ଦ୍ୱାରା, ତେବେ ସେ କ୍ଷେତ୍ରରେ କେନ୍ଦ୍ର ସରକାର ।

(ଖ) ରାଜ୍ୟ ସରକାର ଦ୍ୱାରା, ତେବେ ସେ କ୍ଷେତ୍ରରେ ରାଜ୍ୟ ସରକାର ।

**୧୧. ଅଣଆନୁଷ୍ଠାନିକ କ୍ଷେତ୍ରର ସଂଜ୍ଞା କ'ଣ ?**

ଉ - ଗୋଟିଏ କାର୍ଯ୍ୟସ୍ଥଳୀ ପରିପ୍ରେକ୍ଷୀରେ 'ଅଣଆନୁଷ୍ଠାନିକ କ୍ଷେତ୍ର' କହିଲେ ସେହି ପ୍ରକାର ଏକ ବ୍ୟବସାୟିକ ଉଦ୍ୟୋଗ ଯାହାକି କେତେକ ବ୍ୟକ୍ତିବିଶେଷ ବା ଆତ୍ମନିଯୁକ୍ତ ଶ୍ରମିକମାନଙ୍କ ମାଲିକାନାରେ ଥାଏ ଏବଂ ଯାହାକି କୌଣସି ପଣ୍ୟର ଉତ୍ପାଦନ ବା ବିକ୍ରୟରେ ଅଥବା କୌଣସି ନା କୌଣସି ସେବା ଯୋଗାଣରେ ନିୟୋଜିତ ଥାଏ ତଥା ଯେଉଁଠାରେ ସଂପୃକ୍ତ ଉଦ୍ୟୋଗ ଦ୍ୱାରା ନିଯୁକ୍ତ ଶ୍ରମିକଙ୍କ ସଂଖ୍ୟା ଦଶରୁ କମ୍ ହୋଇଥିବ ।

**୧୨. 'ଘରୋଇ କର୍ମୀ' କାହାକୁ କୁହାଯାଏ ?**

ଉ - 'ଘରୋଇ କର୍ମୀ' କହିଲେ ଜଣେ ମହିଳା, ଯେ କି ଅର୍ଥ ବା ସାମଗ୍ରୀ ଆକାରରେ ପାରିଶ୍ରମିକ ନେଇ ସିଧାସଳଖ କିମ୍ବା କୌଣସି ସଂସ୍ଥା

ମାଧ୍ୟମରେ ଅସ୍ଥାୟୀ, ସ୍ଥାୟୀ, ସାମୟିକ କିମ୍ବା ସର୍ବକ୍ଷଣ ଭିତ୍ତିରେ ଘରୋଇକାମ ପାଇଁ ନିଯୁକ୍ତ ହୋଇଥିବେ, କିନ୍ତୁ ସଂପୃକ୍ତ ନିଯୁକ୍ତିଦାତାଙ୍କ ପରିବାରର ସଦସ୍ୟ ହୋଇନଥିବେ ।

**୧୩. 'ଆଭ୍ୟନ୍ତରୀଣ ଅଭିଯୋଗ କମିଟି' କ'ଣ ?**

ଉ - ଅଧିନିୟମର ଧାରା ୪ (ଉପଧାରା ୧) ଅନୁସାରେ ପ୍ରତ୍ୟେକ ନିଯୁକ୍ତିଦାତା କର୍ମକ୍ଷେତ୍ରରେ ଏକ କମିଟି ଗଠନ କରିବେ ଯାହାକି ଅଭ୍ୟନ୍ତରୀଣ ଅଭିଯୋଗ କମିଟି ଅଟେ ।

**୧୪. 'ଆଭ୍ୟନ୍ତରୀଣ ଅଭିଯୋଗ କମିଟି' କେଉଁ ଠାରେ ଅବସ୍ଥିତ ହେବା ଉଚିତ୍ ?**

ଉ - ଆଭ୍ୟନ୍ତରୀଣ ଅଭିଯୋଗ କମିଟି ପ୍ରତ୍ୟେକ କର୍ମସ୍ଥଳୀରେ ଗଠନ ହେବା ଉଚିତ୍ । ଯେଉଁ ସ୍ଥଳରେ ଏକ କାର୍ଯ୍ୟସ୍ଥଳୀର ଅଫିସମାନ ଏବଂ ପ୍ରଶାସନିକ ୟୁନିଟ୍‌ସମୂହ ଭିନ୍ନ ଭିନ୍ନ ସ୍ଥାନରେ ଅଥବା ଡିଭିଜନାଲ୍ ବା ସବ୍‌ଡିଭିଜନାଲ୍ ସ୍ତରରେ ଅବସ୍ଥିତ ଥାଏ, ସେପରି ସ୍ଥଳେ ପ୍ରତି ଅଫିସ୍ ଏବଂ ପ୍ରଶାସନିକ ୟୁନିଟ୍ ସ୍ତରରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠିତ ହେବ ।

**୧୫. କେଉଁମାନେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଭ୍ୟ ଅଟନ୍ତି ?**

ଉ - ନିଯୁକ୍ତିଦାତାଙ୍କ ଦ୍ୱାରା ମନୋନୀତ ହୋଇଥିବା ନିମ୍ନୋକ୍ତ ସଭ୍ୟମାନଙ୍କୁ ନେଇ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠିତ ହେବ, ଯଥା -

କ) ପ୍ରିଜାଇଡିଂ ଅଫିସର୍ ହେବେ କାର୍ଯ୍ୟସ୍ଥଳୀରେ ନିଯୁକ୍ତ ଥିବା କର୍ମୀମାନଙ୍କ ମଧ୍ୟରୁ ଉଚ୍ଚତର ସ୍ତରରେ ନିଯୁକ୍ତ ଥିବା ଜଣେ ମହିଳା ।

ପରନ୍ତୁ ଯଦି ଜଣେ ବରିଷ୍ଠ ସ୍ତରୀୟ ମହିଳା କର୍ମୀ ନ ମିଳନ୍ତି ତେବେ ପ୍ରିଜାଇଡିଂ ଅଫିସର୍ ଧାରା (୪)ର ଉପଧାରା (୧)ରେ ସୂଚୀତ





ହୋଇଥିବ ଅନ୍ୟ ଅଫିସ୍ ଏବଂ ପ୍ରଶାସନିକ ୟୁନିଟ୍ ଗୁଡିକରୁ ପ୍ରିଜାଇଡିଂ ଅଫିସର୍ ମନୋନୀତ ହେବେ ।

ପୁଣି ପରନ୍ତୁ, ଯଦି ଅନ୍ୟ ଅଫିସ୍ କିମ୍ବା ପ୍ରଶାସନିକ ୟୁନିଟ୍ ଗୁଡିକରୁ ଜଣେ ବରିଷ୍ଠ ସ୍ତରୀୟ ମହିଳା କର୍ମୀ ନ ମିଳନ୍ତି ତେବେ ସଂପୃକ୍ତ ନିଯୁକ୍ତିଦାତା ଅନ୍ୟ କୌଣସି କାର୍ଯ୍ୟସ୍ଥଳୀରୁ କିମ୍ବା ଅନ୍ୟ କୌଣସି ବିଭାଗ ବା ସଂଗଠନରୁ ପ୍ରିଜାଇଡିଂ ଅଫିସର୍ ମନୋନୀତ ହେବେ ।

ଖ) କର୍ମୀମାନଙ୍କ ମଧ୍ୟରୁ ଅନ୍ୟୁନ ଦୁଇଜଣ ସଭ୍ୟ ରହିବେ, ଯେଉଁମାନେ କି ମହିଳା ସ୍ୱାର୍ଥ ପାଇଁ ପ୍ରତିବଦ୍ଧ ହୋଇଥିବେ ଅଥବା ଯେଉଁମାନଙ୍କର ସାମାଜିକ କାର୍ଯ୍ୟରେ ଅଭିଜ୍ଞତା ବା ଆଇନ୍ ବିଷୟରେ ଜ୍ଞାନ ଥିବ ।

ଗ) ଜଣେ ସଭ୍ୟ ଯେ କି ମହିଳା ସ୍ୱାର୍ଥ ପାଇଁ ପ୍ରତିବଦ୍ଧ କୌଣସି ବେସରକାରୀ ସଂଗଠନ ବା ସଂସ୍ଥାରୁ ଆସିଥିବେ କିମ୍ବା ଯେ କି ଯୌନ ଉତ୍ପୀଡନ ସମ୍ପର୍କୀତ ପ୍ରସଙ୍ଗ ସମୂହ ଉପରେ ଜଣେ ଜାଣିବା ଶୁଣିବା ବ୍ୟକ୍ତି ହୋଇଥିବେ ।

ପରନ୍ତୁ ମନୋନୀତ ହୋଇଥିବା ମୋଟ ସଭ୍ୟ ସଂଖ୍ୟା ମଧ୍ୟରୁ ଅନ୍ୟୁନ ଅର୍ଦ୍ଧେକ ମହିଳା ହୋଇଥିବେ ।

**୧୬. ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଭ୍ୟମାନଙ୍କର କାର୍ଯ୍ୟକାଳର ସମୟ ସୀମା କେତେ ?**

ଉ - ସଂପୃକ୍ତ ନିଯୁକ୍ତିଦାତାଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ ହୋଇଥିବା ମତେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଅଧ୍ୟକ୍ଷ ଓ ଅନ୍ୟ ସଭ୍ୟଗଣଙ୍କ କାର୍ଯ୍ୟକାଳ ସେମାନଙ୍କ ମନୋନୟନ ତାରିଖ ଠାରୁ ୩ ବର୍ଷରୁ ଅଧିକ ହେବ ନାହିଁ ।

**୧୭. ଆଭ୍ୟନ୍ତରୀଣ ଅଭିଯୋଗ କମିଟିର କେଉଁ ସଭ୍ୟମାନେ କେଉଁ କାରଣ ପାଇଁ କେତେ ପ୍ରାପ୍ୟ ଓ ଭତ୍ତା ପାଇବେ ?**

ଉ - ଆଭ୍ୟନ୍ତରୀଣ କମିଟିର କାର୍ଯ୍ୟବିଧି ଆୟୋଜନ ବାବଦକୁ ଯୋଗ ଦେବା ପାଇଁ ନିଯୁକ୍ତିଦାତାଙ୍କ ତରଫରୁ ବେସରକାରୀ ସଂଗଠନ ବା ସଂସ୍ଥାରୁ ନିଯୁକ୍ତ ହୋଇଥିବା ସଭ୍ୟଙ୍କୁ ସେହି ପରିମାଣର ଫିସ୍ ବା ଭତ୍ତା ପଇଠ କରାଯିବ, ଯାହାକି ବିହିତ ହୋଇପାରେ;

ବେସରକାରୀ ସଂଗଠନ ମାନଙ୍କ ମଧ୍ୟରୁ ନିଯୁକ୍ତ ହୋଇଥିବା ସଭ୍ୟ ଆଭ୍ୟନ୍ତରୀଣ କମିଟିର ସଭାକାର୍ଯ୍ୟ ସଂପାଦନା ବାବଦକୁ ଦୈନିକ ଦୁଇଶହ ଟଙ୍କାର ଭତ୍ତା ପାଇବା ପାଇଁ ହକ୍‌ଦାର ହେବେ ଏବଂ ତାହା ସହିତ ୩ୟ ଶ୍ରେଣୀ ଏୟାରକଂଡିସନ୍ ଟ୍ରେନ୍ ଯାତ୍ରା ବା ଏୟାରକଂଡିସନ୍ ବସ୍ ଯୋଗେ ଯାତ୍ରା ସହିତ ଅଟୋରିକ୍ସା କିମ୍ବା ଟ୍ୟାକ୍ସିରେ ଯାତ୍ରା ପାଇଁ ଖର୍ଚ୍ଚ ଅଥବା ଯାତାୟତ ବାବଦକୁ ତାଙ୍କର ପ୍ରକୃତ ଖର୍ଚ୍ଚ ଭିତରୁ ଯାହା କମ୍ ହୋଇଥିବ, ତାହା ସେ ଫେରସ୍ତ ପାଇବା ପାଇଁ ହକ୍‌ଦାର ହେବେ ।

**୧୮. ଯୌନ ଉତ୍ପୀଡନ ସମ୍ପର୍କୀତ ପ୍ରସଙ୍ଗ ଗୁଡିକ ସହିତ କେଉଁ ବ୍ୟକ୍ତି ପରିଚିତ ଅଟନ୍ତି । (ପ୍ରଶ୍ନ ନମ୍ବର ୧୫, ଉତ୍ତର ଅଂଶ ଗ କୁ ପରାମର୍ଶ କରିବା ଉଚିତ୍)**

ଉ - ଧାରା ୭ ର ଉପଧାରା (୧)ର ପ୍ରକରଣ (ସି)ର ଉଦେଶ୍ୟାର୍ଥେ ଯୌନ ଉତ୍ପୀଡନ ସମ୍ପର୍କୀତ ପ୍ରସଙ୍ଗ ସମୂହ ଉପରେ ଅବହିତ ଥିବା ବ୍ୟକ୍ତି ହେଉଛନ୍ତି ସେହି ବ୍ୟକ୍ତି ଜଣକ, ଯାହାଙ୍କର ଯୌନ ଉତ୍ପୀଡ଼ନ ସମ୍ପର୍କୀତ ପ୍ରସଙ୍ଗ ସମୂହ ଉପରେ ସବିଶେଷ ଜ୍ଞାନ ଥିବ ଏବଂ ଏହି ଶ୍ରେଣୀ ଭିତରେ ଯେକୌଣସି ନିମ୍ନୋକ୍ତ ବ୍ୟକ୍ତିମାନେ ଅନ୍ତର୍ଭୁକ୍ତ ହୋଇପାରନ୍ତି ।

(କ) ଜଣେ ସମାଜ କର୍ମୀ, ଯାହାଙ୍କର ସେହି ଧରଣର ସାମାଜିକ କାର୍ଯ୍ୟ କ୍ଷେତ୍ରରେ ଅନ୍ୟୁନ ୫ ବର୍ଷର ଅଭିଜ୍ଞତା ଥିବ ଯାହା ଫଳରେ





ମହିଳା ସଶକ୍ତୀକରଣ ପାଇଁ ଅନୁକୂଳ ସାମାଜିକ ପରିବେଶ ସୃଷ୍ଟି ହୋଇଥାଏ ଓ ବିଶେଷ କରି କାର୍ଯ୍ୟସ୍ଥଳୀରେ ଯୌନ ଉତ୍ପୀଡ଼ନର ମୁକାବିଲା କରାଯାଇ ପାରିଥାଏ

(ଖ) ଜଣେ ବ୍ୟକ୍ତି ଯିଏ କି ଶ୍ରମ, ଚାକିରି, ଦେୱାନୀ କିମ୍ବା ଫୌଜଦାରୀ ଆଇନ ସହ ଅବହିତ ହୋଇଥିବେ ।

**୧୯. ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଭ୍ୟମାନଙ୍କୁ ପ୍ରାପ୍ୟ ଏବଂ ଭତ୍ତା ସମୂହ ଦେବା ପାଇଁ କିଏ ଉତ୍ତରଦାୟୀ ରହିବେ ?**

ଉ - ନିୟମ ୩, ଉପ-ନିୟମ (୧)ରେ ସୂଚୀତ ହୋଇଥିବା ଭତ୍ତାସମୂହର ପଇଠ ପାଇଁ ନିଯୁକ୍ତିଦାତା ଉତ୍ତରଦାୟୀ ରହିବେ ।

**୨୦. ଜିଲ୍ଲା ଅଧିକାରୀ କିଏ ?**

ଉ - ପ୍ରତି ଜିଲ୍ଲା ପାଇଁ ଏହି ଆଇନ୍ ଅଧିନରେ ସଂପୃକ୍ତ କ୍ଷମତାବଳୀର ପ୍ରୟୋଗ ତଥା କାର୍ଯ୍ୟାବଳୀର ସମ୍ପାଦନ ପାଇଁ ଯଥୋଚିତ ସରକାର ଜିଲ୍ଲା ମାଜିଷ୍ଟ୍ରେଟ୍ ବା ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ବା କଲେକ୍ଟର ବା ଡେପୁଟି କଲେକ୍ଟରଙ୍କୁ ଜିଲ୍ଲା ଅଫିସର୍ ଭାବେ ବିଜ୍ଞାପିତ କରିପାରନ୍ତି । ଓଡ଼ିଶାରେ ମହିଳା ଓ ଶିଶୁ ବିକାଶ ବିଭାଗର ପତ୍ର ସଂଖ୍ୟା ୨୩୩୧୯, ତା ୭.୧୨.୧୩ ଅନୁସାରେ ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳଙ୍କୁ ଜିଲ୍ଲାଧିକାରୀ ଭାବେ ବିଜ୍ଞାପିତ କରାଯାଇଛି ।

**୨୧. ଜିଲ୍ଲା ଅଧିକାରୀଙ୍କ କି କି କର୍ତ୍ତବ୍ୟ ଓ କ୍ଷମତା ରହିଛି ?**

ଉ - (କ) ସ୍ଥାନୀୟ କମିଟିଙ୍କ ଦ୍ୱାରା ସମୟାନ୍ତରରେ ଦାଖଲ ହେଉଥିବା ରିପୋର୍ଟ ସମୂହକୁ ତଦାରଖ କରିବେ ।

(ଖ) ଯୌନ ଉତ୍ପୀଡ଼ନ ଓ ମହିଳାମାନଙ୍କ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦେଶ୍ୟରେ ବେସରକାରୀ

ସଂଗଠନମାନଙ୍କୁ ନିୟୋଜିତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପମାନ ଗ୍ରହଣ କରିବେ ।

**୨୨. ସ୍ଥାନୀୟ ଅଭିଯୋଗ କମିଟି କ'ଣ ?**

ଉ - ପ୍ରତ୍ୟେକ ଜିଲ୍ଲା ଅଫିସର୍ ସଂପୃକ୍ତ ଜିଲ୍ଲାରେ 'ସ୍ଥାନୀୟ ଅଭିଯୋଗ କମିଟି' ନାମରେ ଏକ କମିଟି ଗଠନ କରିବେ ।

**୨୩. କିଏ ସ୍ଥାନୀୟ ଅଭିଯୋଗ କମିଟି ଗଠନ କରିବେ ?**

ଉ - ଧାରା-୬, ଉପଧାରା-୧ ଅନୁସାରେ ଜିଲ୍ଲା ଅଧିକାରୀ ନିଜ ଜିଲ୍ଲାର ସ୍ଥାନୀୟ ଅଭିଯୋଗ କମିଟି ଗଠନ କରିବେ ।

**୨୪. ସ୍ଥାନୀୟ ଅଭିଯୋଗ କମିଟିର କାମ କ'ଣ ?**

ଉ - ସ୍ଥାନୀୟ ଅଭିଯୋଗ କମିଟିର କାମ ହେଲା ସେହିସବୁ ସଂସ୍ଥା ସୂତ୍ରରୁ ଯୌନ ଉତ୍ପୀଡ଼ନର ଅଭିଯୋଗମାନ ଗ୍ରହଣ କରିବେ, ଯେଉଁଠି ଦଶଜଣରୁ କମ୍ କର୍ମୀ ଥିବାରୁ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠିତ ହୋଇ ପାରି ନଥିବ ଅଥବା ଯଦି ଅଭିଯୋଗଟି ସଂପୃକ୍ତ ନିଯୁକ୍ତିଦାତାଙ୍କ ବିରୋଧରେ ଅଭିପ୍ରେତ ହୋଇଥାଏ ।

**୨୫. ସ୍ଥାନୀୟ ଅଭିଯୋଗ କମିଟିର କାର୍ଯ୍ୟ ପରିସର କ'ଣ ?**

ଉ - ସ୍ଥାନୀୟ ଅଭିଯୋଗ କମିଟିର କ୍ଷେତ୍ରାଧିକାର ଗୋଟିଏ ଜିଲ୍ଲାର ସେହି ସବୁ ଅଞ୍ଚଳ ଉପରେ ପରିବ୍ୟାପ୍ତ ରହିବ, ଯେଉଁ ଜିଲ୍ଲାରେ ଏହା ଗଠିତ ହୋଇଥିବ ।

**୨୬. ସ୍ଥାନୀୟ ଅଭିଯୋଗ କମିଟିର ସଭ୍ୟମାନେ କିଏ ?**

ଉ - ସ୍ଥାନୀୟ ଅଭିଯୋଗ କମିଟି ଆଇନ୍‌ର ଧାରା-୭ ର ଉପଧାରା-୧ ଅନୁଯାୟୀ ଜିଲ୍ଲା ଅଫିସରଙ୍କ ଦ୍ୱାରା ମନୋନୀତ ହୋଇଥିବା ନିମ୍ନଲିଖିତ ସଭ୍ୟମାନଙ୍କୁ ନେଇ ଗଠିତ ହେବ ଯଥା -





(କ) ଅଧ୍ୟକ୍ଷା / Chairperson ଜଣେ; ସମାଜସେବା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ତଥା ମହିଳା ସ୍ୱାର୍ଥ ପାଇଁ ପ୍ରତିବଦ୍ଧତା ଥିବା ମହିଳାମାନଙ୍କ ଭିତରୁ ଜଣେ ଅଧ୍ୟକ୍ଷା ଭାବେ ମନୋନୀତ ହେବେ ।

(ଖ) ସଭ୍ୟ / Member- ଜଣେ; ବ୍ଲକ୍, ତାଲୁକା ବା ତହସିଲ୍ ଅଥବା ୱାର୍ଡ ଓ ମୁନିସିପାଲିଟି ସ୍ତରରେ କାର୍ଯ୍ୟରତ ମହିଳାମାନଙ୍କ ମଧ୍ୟରୁ ଜଣଙ୍କୁ ସଭ୍ୟ ରୂପେ ମନୋନୀତ କରାଯିବ ।

(ଗ) ସଭ୍ୟା / Member- ୨ ଜଣ; ଅନ୍ତତଃ ଜଣେ ମହିଳାଙ୍କ ସମେତ ଦୁଇଜଣ ସଭ୍ୟଙ୍କୁ ମନୋନୀତ କରାଯିବ, ଯେକି ମହିଳା ସ୍ୱାର୍ଥ ପାଇଁ ପ୍ରତିବଦ୍ଧ ବେସରକାରୀ ସଂଗଠନ ବା ସଂସ୍ଥା ସହିତ ଜଡିତ ଥିବେ କିମ୍ବା ଯୌନ ଉତ୍ପୀଡନ ସମ୍ପର୍କୀତ ପ୍ରସଙ୍ଗ ସମୂହ ସହିତ ପରିଚିତ ହୋଇଥିବା ଜଣେ ବ୍ୟକ୍ତି ହୋଇଥିବେ ।

ପରନ୍ତୁ, ଏହା ବାଂଛନୀୟ ଯେ, ମନୋନୀତ ବ୍ୟକ୍ତିମାନଙ୍କ ମଧ୍ୟରୁ ଅନ୍ତତଃ ଜଣଙ୍କର ଆଇନ୍ କ୍ଷେତ୍ରରେ ପୃଷ୍ଠଭୂମି ବା ଆଇନ୍ ସଂବନ୍ଧୀୟ ଜ୍ଞାନ ଥିବ ।

ପୁଣି ପରନ୍ତୁ, ମନୋନୀତ ବ୍ୟକ୍ତିମାନଙ୍କ ମଧ୍ୟରୁ ଅନ୍ତତଃ ଜଣେ କେନ୍ଦ୍ର ସରକାରଙ୍କ ଦ୍ୱାରା ସମୟାନ୍ତରରେ ବିଜ୍ଞାପିତ ହେଉଥିବା ଅନୁସୁଚୀତ ଜାତି ବା ଅନୁସୂଚୀତ ଜନଜାତି ବା ଅନ୍ୟ ଅନଗ୍ରସର ବର୍ଗ ବା ସଂଖ୍ୟାଲଘୁ ସଂପ୍ରଦାୟର ଅନ୍ତର୍ଭୁକ୍ତ ହୋଇଥିବେ ।

(ଘ) ଜିଲ୍ଲାରେ ସମାଜ ମଙ୍ଗଳ ବା ମହିଳା ଓ ଶିଶୁ ବିକାଶ ପାଇଁ ଦାୟିତ୍ୱବଦ୍ଧ ଅଫିସର୍ ପଦବୀଯୁକ୍ତ ସଭ୍ୟ ରହିବେ ।

**୨୭. ସ୍ଥାନୀୟ ଅଭିଯୋଗ କମିଟିର ସଭ୍ୟମାନଙ୍କର କାର୍ଯ୍ୟକାଳ ସୀମା କେତେ ?**

ଉ - ସ୍ଥାନୀୟ ଅଭିଯୋଗ କମିଟିର ଅଧକ୍ଷ ଓ ପ୍ରତି ସଭ୍ୟ ନିଯୁକ୍ତି ତାରିଖ ଠାରୁ ଜିଲ୍ଲା ଅଫିସର୍ ଧାର୍ଯ୍ୟ କରିଥିବା ସେହି ସମୟ ଅବଧି ପର୍ଯ୍ୟନ୍ତ ପଦବୀରେ ରହିବେ, ଯାହାକି ୩ ବର୍ଷରୁ ଅଧିକ ହେବ ନାହିଁ ।

**୨୮. ନୋଡାଲ ଅଧିକାରୀ କିଏ ?**

ଉ - ଜିଲ୍ଲା ଅଫିସର୍ ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳରେ ପ୍ରତି ବ୍ଲକ୍, ତାଲୁକା ଏବଂ ତହସିଲ୍ ସ୍ତରରେ ତଥା ପ୍ରତି ସହରାଞ୍ଚଳର ୱାର୍ଡ ଓ ମ୍ୟୁନିସିପାଲିଟିରେ ଜଣେ ଜଣେ ନୋଡାଲ୍ ଅଫିସରଙ୍କୁ ପଦନାମିତ କରିବେ ।

**୨୯. ନୋଡାଲ୍ ଅଧିକାରୀଙ୍କ କାମ କ'ଣ ?**

ଉ - ନୋଡାଲ୍ ଅଧିକାରୀ ଯାହାଙ୍କର କାର୍ଯ୍ୟ ହେବ ଅଭିଯୋଗମାନ ଗ୍ରହଣ କରିବା, ଏବଂ ସଂପୃକ୍ତ ସ୍ଥାନୀୟ ଅଭିଯୋଗ କମିଟିକୁ ସାତଦିନ ମଧ୍ୟରେ ଅଭିପ୍ରେରଣ କରିବା ।

**୩୦. ସ୍ଥାନୀୟ ଅଭିଯୋଗ କମିଟିର କେଉଁ ସଭ୍ୟ, କେଉଁ କାରଣରୁ କେତେ ପ୍ରାପ୍ୟ / ଭତ୍ତା ସମୂହ ପାଇବେ ?**

ଉ - (୧) ସ୍ଥାନୀୟ କମିଟିର ଅଧକ୍ଷ ସଭାକାର୍ଯ୍ୟ ସଂପାଦନା ବାବଦକୁ ଦୈନିକ ଦୁଇଶତ ପଚାଶ ଟଙ୍କା ପାଇବାକୁ ହକ୍‌ଦାର ହେବେ ।

(୨) ଧାରା (୭)ର ଉପଧାରା (୧) ଅଧୀନସ୍ଥ ପ୍ରକରଣ (ଖ) ଓ (ଘ) ଅଧୀନରେ ମନୋନୀତ ହୋଇଥିବା ସଭ୍ୟଗଣଙ୍କ ବ୍ୟତିରେକ ସ୍ଥାନୀୟ କମିଟିର ଅନ୍ୟ ସଭ୍ୟମାନେ କମିଟିର ସଭାକାର୍ଯ୍ୟ ସଂପାଦନା ବାବଦକୁ ଦୈନିକ ଦୁଇଶହ ଟଙ୍କାର ଭତ୍ତା ପାଇବା ପାଇଁ ହକ୍‌ଦାର ହେବେ ଏବଂ ତାହା ସହିତ ୩ୟ ଶ୍ରେଣୀ ଏୟାରକଣ୍ଡିସନ୍ ଟ୍ରେନ୍ ଯାତ୍ରା ବା ଏୟାରକଣ୍ଡିସନ୍ ବସ୍ ଯୋଗେ ଯାତ୍ରା ସହିତ ଅଟୋରିକ୍ସା କିମ୍ବା ଟ୍ୟାକ୍ସିରେ ଯାତ୍ରା ପାଇଁ ଖର୍ଚ୍ଚ ଅଥବା ଯାତାୟତ ବାବଦକୁ ସେ ବହନ କରିଥିବା ପ୍ରକୃତ ଖର୍ଚ୍ଚ ଭିତରୁ ଯାହା କମ୍ ହୋଇଥିବ, ସେ ତାହା ଫେରସ୍ତ ପାଇବା ପାଇଁ ହକ୍‌ଦାର ହେବେ ।

(୩) ଉପରୋକ୍ତ ସୂଚୀତ ହୋଇଥିବା ଭତ୍ତା ସମୂହର ପଇଠ ପାଇଁ ଜିଲ୍ଲା ଅଫିସର୍ ଉତ୍ତରଦାୟୀ ରହିବେ ।

**୩୧. ସ୍ଥାନୀୟ ଅଭିଯୋଗ କମିଟିକୁ କିଏ ଭତ୍ତା ସମୂହ ପ୍ରଦାନ କରିବେ ?**

ଉ - ସ୍ଥାନୀୟ ଅଭିଯୋଗ କମିଟିକୁ ଜିଲ୍ଲା ଅଧିକାରୀ ଭତ୍ତା ସମୂହ ପ୍ରଦାନ ପାଇଁ ଅର୍ଥ ଯୋଗାଇ ଦେବେ ।

**୩୨. ଗୋଟିଏ ଅଭିଯୋଗ କିପରି କରାଯିବ ?**

ଉ - ଯଦି ଆଭ୍ୟନ୍ତରୀଣ କମିଟି ଗଠିତ ହୋଇଥାଏ ତେବେ ଯେକୌଣସି ପୀଡିତା ମହିଳା କାର୍ଯ୍ୟସ୍ଥଳୀରେ ଯୌନ ଉତ୍ପୀଡ଼ନର ଏକ ଅଭିଯୋଗକୁ ଉକ୍ତ କମିଟିଙ୍କ ନିକଟରେ ବା ଯଦି ଉକ୍ତ କମିଟି ଗଠିତ ହୋଇନଥାଏ ତେବେ ସ୍ଥାନୀୟ କମିଟିଙ୍କ ନିକଟରେ ଘଟଣା ଘଟିବାର କିମ୍ବା ଯଦି ଲଗାତାର ଘଟଣାମାନ ଘଟିଥାଏ, ତେବେ ଶେଷ ଘଟଣା ତାରିଖର ୩ ମାସ ମଧ୍ୟରେ ଲିଖିତ ଭାବରେ ଦାଖଲ କରିବେ ।

ପରନ୍ତୁ ଯେଉଁ ସ୍ଥଳରେ ସଂପୃକ୍ତ ଅଭିଯୋଗଟିକୁ ଲିଖିତ ରୂପରେ ଦିଆଯାଇ ପାରୁନାହିଁ, ସେପରି ସ୍ଥଳେ ଆଭ୍ୟନ୍ତରୀଣ କମିଟିର ପ୍ରିଜାଇଡିଂ ଅଫିସର୍ କିମ୍ବା ଯେକୌଣସି ସଭ୍ୟ ଅଥବା ଯଥାସ୍ଥିତି ସ୍ଥାନୀୟ କମିଟିର ଅଧକ୍ଷା କିମ୍ବା ଯେ କୌଣସି ସଭ୍ୟ, ସଂପୃକ୍ତ ମହିଳାଙ୍କୁ ନିଜର ଅଭିଯୋଗକୁ ଲିଖିତ

ଭାବେ ଦାଖଲ କରିବା ପାଇଁ ସମସ୍ତ ଯଥୋଚିତ ସହାୟତା ଯୋଗାଇ ଦେବେ ।

ପୁଣି ପରନ୍ତୁ, ଯଦି ଯଥାସ୍ଥିତି ଆଭ୍ୟନ୍ତରୀଣ କମିଟି କିମ୍ବା ସ୍ଥାନୀୟ କମିଟି ହୃଦ୍‌ବୋଧ କରନ୍ତି ଯେ, ପରିସ୍ଥିତିର ତାଡ଼ନାରେ ସଂପୃକ୍ତ ମହିଳା ଜଣକ ଉକ୍ତ ସମୟସୀମା ମଧ୍ୟରେ ଅଭିଯୋଗ ଦାଖଲ କରିବାରୁ ବଞ୍ଚିତ ହୋଇଛନ୍ତି, ତେବେ ସଂପୃକ୍ତ କମିଟି ଲିଖିତ କାରଣ ଦର୍ଶାଇ ଉକ୍ତ ସମୟସୀମାକୁ ସେହି ମାତ୍ରାରେ ବୃଦ୍ଧି କରିପାରନ୍ତି, ଯାହାକି ଆଉ ୩ ମାସରୁ ଅଧିକ ହେଉନଥିବ ।

**୩୩. ଅଭିଯୋଗ ପାଇବା ପରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ବା ସ୍ଥାନୀୟ ଅଭିଯୋଗ କମିଟିର କର୍ମପନ୍ଥା କ'ଣ ହେବ ?**

ଉ - ବିକଳ୍ପ-୧ : ଅଭିଯୋଗ ପାଇବା ମାତ୍ରେ, ଆଭ୍ୟନ୍ତରୀଣ କମିଟି କିମ୍ବା ସ୍ଥାନୀୟ କମିଟି ପ୍ରତିବାଦୀ ପାଇଁ ଉପଯୋଗୀ ଚାକିରୀ ନିୟମାବଳୀ ଅନୁସାରେ ଏକ ତଦନ୍ତ କରିବେ । ଯେଉଁଠାରେ ସେହିପ୍ରକାର ନିୟମାବଳୀ ନାହିଁ, ଅଧିନିୟମର (ଧାରା-୧୧, ଉପଧାରା-୧) ଅନୁସାରେ ତଦନ୍ତ କରିବେ ।

ବିକଳ୍ପ-୨ : ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ କମିଟି ଅଭିଯୋଗଟିକୁ ପୋଲିସ ପାଖକୁ ପ୍ରେରଣ କରିପାରିବେ । (ଯାହା ନିମ୍ନ ଲିଖିତ ପ୍ରଶ୍ନରେ ବିସ୍ତୃତ କରାଯାଇଛି)

**୩୪. ଯଦି ଉଭୟ ପକ୍ଷ (ପୀଡ଼ିତା ଓ ପ୍ରତିପକ୍ଷ) କର୍ମୀ ହୋଇଥାନ୍ତି ତେବେ କ'ଣ କରାଯିବ ?**

ଉ - ଯେଉଁଠାରେ ଦୁଇପକ୍ଷ କର୍ମଚାରୀ ହୋଇଥିବେ, ତଦନ୍ତ ହେବା ସମୟରେ ଦୁଇ ପକ୍ଷଙ୍କୁ କହିବା ପାଇଁ ସୁଯୋଗ ଦିଆଯିବ ଏବଂ ପ୍ରାପ୍ତ ବିଷୟର ଏକକିତା ନକଲ ଦୁଇ ପକ୍ଷଙ୍କୁ ଦିଆଯିବ ଯାହାକି ତାଙ୍କୁ କମିଟି ଆଗରେ ନିଜର ପକ୍ଷ ରଖିବାରେ ସହାୟକ ହେବ ।

**୩୫. ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଓ ସ୍ଥାନୀୟ ଅଭିଯୋଗ କମିଟିର କ୍ଷମତା ସବୁ କ'ଣ ?**

ଉ - ଧାରା-୧୧, ଉପଧାରା (୩) ଅନୁଯାୟୀ ଏକ ତଦନ୍ତ କରିବା ଉଦ୍ଦେଶ୍ୟରେ ଯଥାସ୍ଥିତି ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ କମିଟି ନିମନ୍ତେ ସେହିସବୁ କ୍ଷମତା ପ୍ରୟୋଗ କରି ପାରିବେ, ଯାହାକି ଏକ ମୋକଦ୍ଦମା ବିଚାର କଲାବେଳେ ଦେୱାନୀ କାର୍ଯ୍ୟବିଧି ସଂହିତା ୧୯୦୮ ବଳରେ ଗୋଟିଏ ଦେୱାନୀ ଅଦାଲତ ଉପରେ ନ୍ୟସ୍ତ ହୋଇଥାଏ, ଯଥା -

(କ) ଯେ କୌଣସି ବ୍ୟକ୍ତିଙ୍କୁ ସମନ ଜାରି କରି ଉପସ୍ଥିତ ହେବାକୁ ବାଧ କରିବା ଓ ସତ୍ୟପାଠ ମାଧ୍ୟମରେ ସାକ୍ଷ୍ୟ ଗ୍ରହଣ କରିବା;

(ଖ) ଦଲିଲ୍‌ସମୂହର ଆବିଷ୍କାର ଓ ଦାଖଲ କରାଇବା; ଏବଂ

(ଗ) ବିହିତ କରାଯାଇଥିବା ମତେ ଅନ୍ୟ କୌଣସି ବିଷୟ ।

**୩୬. ଆଭ୍ୟନ୍ତରୀଣ ଅଭିଯୋଗ କମିଟି କିମ୍ବା ସ୍ଥାନୀୟ ଅଭିଯୋଗ କମିଟି କେତେବେଳେ ଅଭିଯୋଗଟିକୁ ପୋଲିସ ପାଖକୁ ପଠାଇ ପାରିବେ ?**

ଉ - ଭାରତୀୟ ଦଣ୍ଡ ସଂହିତାର ଦଫା ୫୦୯ କିମ୍ବା ଯଥାସ୍ଥଳେ ପ୍ରଯୁଜ୍ୟ ହେଉଥିବା ଏହି ସଂହିତାର ଅନ୍ୟ କୌଣସି ବ୍ୟବସ୍ଥାବଳୀ ଅଧୀନରେ ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ କମିଟି ୭ ଦିନ ମଧ୍ୟରେ ପୋଲିସ୍ ନିକଟକୁ ଅଭିଯୋଗକୁ ଅଭିପ୍ରେରଣ କରିପାରିବେ ।

ଯେଉଁ ସ୍ଥଳେ ବ୍ୟଥିତ ମହିଳା ଯଥାସ୍ଥିତି ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ କମିଟିକୁ ଅବଗତ କରିବେ ଯେ, ଧାରା ୧୦ର ଉପଧାରା ୨ ଅନୁଯାୟୀ ଗୃହୀତ ମୀମାଂସାର କୌଣସି ବିଷୟ ବା ସର୍ତ୍ତ ପ୍ରତିପକ୍ଷଙ୍କ ଦ୍ୱାରା ପାଳିତ

ହୋଇନାହିଁ, ସେପରି ସ୍ଥଳେ ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ କମିଟି ସଂପୃକ୍ତ ଅଭିଯୋଗ ଉପରେ ନିଜେ ତଦନ୍ତ ଆରମ୍ଭ କରିବେ କିମ୍ବା ଯଥାସ୍ଥିତି ଏହାକୁ ପୋଲିସ୍ ନିକଟକୁ ଅଭିପ୍ରେରଣ କରିବେ ।

**୩୭. ଜଣେ ପୀଡିତା ମହିଳା ଅଭିଯୋଗ ଦାଖଲ କରିବା ପାଇଁ ସମୟସୀମା କେତେ ?**

ଉ - ଯେ କୌଣସି ପୀଡିତା ମହିଳା କର୍ମକ୍ଷେତ୍ରରେ ଯୌନ ଉତ୍ପୀଡନ ସମ୍ବନ୍ଧୀୟ ଅଭିଯୋଗ ଲିଖିତ ଭାବରେ ଆଭ୍ୟନ୍ତରୀଣ କମିଟି / ସ୍ଥାନୀୟ କମିଟିକୁ ଘଟଣା ଘଟିବାର ୩ ମାସ ଭିତରେ ବା ଶେଷ ଘଟଣା ଘଟିବାର ୩ ମାସ ଭିତରେ କରିପାରିବେ । (ଧାରା-୯, ଉପଧାରା-୧)

**୩୮. ତିନି ମାସର ସମୟସୀମା ବର୍ଦ୍ଧିତ କରାଯାଇ ପାରିବ କି ?**

ଉ - ଯଦି ପରିସ୍ଥିତି ସନ୍ତୋଷଜନକ ହୁଏ ଯାହାକି ମହିଳାଙ୍କ ଅଭିଯୋଗକୁ ଦାଏର କରିବା ପାଇଁ ବାରଣ କରିଥିବ ତାହେଲେ ଆଭ୍ୟନ୍ତରୀଣ କମିଟି କିମ୍ବା ସ୍ଥାନୀୟ କମିଟି ସମୟସୀମା ଆଉ ୩ ମାସ ପର୍ଯ୍ୟନ୍ତ ବଢ଼ାଇ ପାରିବେ ।

**୩୯. ଆଇନ୍ ଅଧିନରେ ଅନ୍ୟ କେହି ଜଣେ ଅଭିଯୋଗ କରି ପାରିବେ କି ?**

ଉ - ଯଦି ପୀଡିତା ଶାରିରୀକ ଓ ମାନସିକ ଅସୁସ୍ଥତା କିମ୍ବା ମୃତ୍ୟୁ ଯୋଗୁଁ ଅଭିଯୋଗ କରିପାରିଲେ ନାହିଁ, ତାଙ୍କ ପାଇଁ ତାଙ୍କର ବିଧିସମ୍ମତ ଦାୟାଦ କିମ୍ବା ଅନ୍ୟ କୌଣସି ବ୍ୟକ୍ତି ଅଭିଯୋଗ ଦାଏର କରିପାରିବେ ।

**୪୦. ମିଳାମିଶା ଓ ଥଇଥାନ କରିବାର କି କି ସୁବିଧା ଓ ପଦ୍ଧତି ଅଛି ?**

ଉ - ଯଥାସ୍ଥିତି ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ କମିଟି ଧାରା ୧୧ ଅଧିନରେ ଏକ ତଦନ୍ତ ଆରମ୍ଭ କରିବା ପୂର୍ବରୁ, ପୀଡିତା ମହିଳାଙ୍କ ଅନୁରୋଧ କ୍ରମେ



ଉକ୍ତ ମହିଳା ଓ ତାଙ୍କ ପ୍ରତିପକ୍ଷଙ୍କ ମଧ୍ୟରେ ଏକ ମିଳାମିଶା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ପଦକ୍ଷେପ ନେଇପାରନ୍ତି ।

ପରନ୍ତୁ, ଅର୍ଥରାଶି ଭିତ୍ତିକ ଏକ ବୁଝାମଣା ମିଳାମିଶାର ଭିତ୍ତି ହୋଇପାରିବ ନାହିଁ ।

ଯେଉଁ ସ୍ଥଳେ ଉପରୋକ୍ତ ଉପଧାରା-୧ ଅଧିନରେ ଏକ ସମାଧାନ ହୋଇଥିବ, ଯଥାସ୍ଥିତି ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ କମିଟି ଏହି ମୀମାଂସାକୁ ଲିପିବଦ୍ଧ କରିବେ ଏବଂ ନିଜର ସୁପାରିଶ୍‌ରେ ବିନିର୍ଦ୍ଦିଷ୍ଟ ହୋଇଥିବା ମତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ତାହାକୁ ସଂପୃକ୍ତ ନିଯୁକ୍ତିଦାତା ବା ଜିଲ୍ଲା ଅଫିସରଙ୍କ ପାଖକୁ ଅଭିପ୍ରେରଣ କରିବେ ।

ଯଥାସ୍ଥିତି ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ କମିଟି ଉପଧାରା ୨ ଅଧିନରେ ଲିପିବଦ୍ଧ ହୋଇଥିବା ମିମାଂସାର ପ୍ରତିଲିପି ଉଭୟ ପୀଡିତା ମହିଳା ଓ ପ୍ରତିପକ୍ଷଙ୍କ ନିକଟକୁ ପଠାଇବେ ।

**୪୧. ଥଇଥାନ ପରେ ଆହୁରି ଥରେ ଅନୁସନ୍ଧାନ କରାଯାଇ ପାରିବ କି ?**

ଉ - ଯେଉଁ ସ୍ଥଳେ ଧାରା-୧୦, ଉପଧାରା-୧ ଅନୁଯାୟୀ, ମୀମାଂସା ଘଟିଥିବ, ସେପରି ସ୍ଥଳେ ଯଥାସ୍ଥିତି ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ କମିଟିଙ୍କ ଦ୍ୱାରା ଆଉ ତଦନ୍ତ କରାଯିବ ନାହିଁ ।

**୪୨. ଅନୁସନ୍ଧାନ କରିବା ପାଇଁ ସମୟ ସୀମା କେତେ ?**

ଉ - ଧାରା-୧୧, ଉପଧାରା (୪) ଅଧିନରେ ଏକ ତଦନ୍ତ ୯୦ ଦିନର ସମୟସୀମା ଭିତରେ ସଂପୂର୍ଣ୍ଣ ହେବ ।

**୪୩. ତଦନ୍ତ ଚାଲୁ ରହିଥିବା ବେଳେ ଆଭ୍ୟନ୍ତରୀଣ ବା ସ୍ଥାନୀୟ ଅଭିଯୋଗ କମିଟି କର୍ମଦାତାଙ୍କୁ କ'ଣ କ'ଣ ସୁପାରିଶ କରିପାରିବେ ?**

ଉ - ତଦନ୍ତ ଚାଲୁ ରହିଥିବା ସମୟରେ ବ୍ୟଥିତ ମହିଳାଙ୍କ ଲିଖିତ ଅନୁରୋଧ କ୍ରମେ ଯଥାସ୍ଥିତି ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ କମିଟି ନିଯୁକ୍ତିଦାତାଙ୍କୁ ନିମ୍ନଲିଖିତ ସୁପାରିଶ୍ କରିପାରିବେ -

(କ) ପୀଡିତା ମହିଳା ବା ପ୍ରତିପକ୍ଷଙ୍କୁ ଅନ୍ୟ କୌଣସି କାର୍ଯ୍ୟସ୍ଥଳୀକୁ ବଦଳି କରିବା ।

(ଖ) ପୀଡିତା ମହିଳାଙ୍କୁ ୩ ମାସ ପର୍ଯ୍ୟନ୍ତ ଛୁଟି ମୁର କରିବା ।

(ଗ) ବିହିତ କରାଯାଇଥିବା ମତେ ପୀଡିତା ମହିଳାଙ୍କୁ ଅନ୍ୟ ଯେ କୌଣସି ସାହାଯ୍ୟ ପ୍ରଦାନ କରିବା ।

(୨) ପୀଡିତା ମହିଳାଙ୍କୁ ଏହି ଧାରା ଅଧିନରେ ମୁର କରାଯାଇଥିବା ଛୁଟି ତାଙ୍କୁ ଅନ୍ୟ ପ୍ରକାରେ ପ୍ରାପ୍ୟ ହେଉଥିବା ଛୁଟି ବ୍ୟତିରେକେ ଏକ ଅତିରିକ୍ତ ଛୁଟି ବୋଲି ଗଣନା କରାଯିବ ।

(୩) ଉପଧାରା (୧) ଅନୁସାରେ ଯଥାସ୍ଥିତି ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ କମିଟିର ସୁପାରିଶ୍ ଭିତ୍ତିରେ ନିଯୁକ୍ତି ଦାତା ଉପଧାରା (୧) ଅଧିନରେ ଦାଖଲ ହୋଇଥିବା ସୁପାରିଶ୍ ସମୂହକୁ କାର୍ଯ୍ୟକାରୀ କରିବେ ଏବଂ ତହିଁର କାର୍ଯ୍ୟକାରିତା ବିଷୟରେ ଯଥାସ୍ଥିତି ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ କମିଟି ନିକଟକୁ ଏକ ରିପୋର୍ଟ ପଠାଇବେ ।

**୪୪. ତଦନ୍ତ ସମ୍ପୂର୍ଣ୍ଣ ହେବା ପରେ ଆଭ୍ୟନ୍ତରୀଣ ବା ସ୍ଥାନୀୟ ଅଭିଯୋଗ କମିଟି ଦ୍ୱାରା କ'ଣ କରାଯିବା ଉଚିତ୍ ?**

ଉ - ଏହି ଆଇନ୍ ଅଧିନରେ ଏକ ତଦନ୍ତ ଶେଷ ହେବାର ୧୦ ଦିନ ମଧ୍ୟରେ ଯଥାସ୍ଥିତି ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ କମିଟି ନିଜର ନିଷ୍କର୍ଷ ସମୂହ ଉପରେ ଏକ ରିପୋର୍ଟ ଯଥାସ୍ଥିତି ନିଯୁକ୍ତିଦାତା ବା ଜିଲ୍ଲା ଅଫିସରଙ୍କୁ ଯୋଗାଇ ଦେବେ ଏବଂ ଏହି ରିପୋର୍ଟ ମଧ୍ୟ ସଂପୃକ୍ତ ପକ୍ଷମାନଙ୍କୁ ଉପଲବ୍ଧ ହେବ ।

**୪୫. ତଦନ୍ତ ସମ୍ପୂର୍ଣ୍ଣ ହେବା ପରେ ଆଭ୍ୟନ୍ତରୀଣ ବା ସ୍ଥାନୀୟ ଅଭିଯୋଗ କମିଟି କର୍ମଦାତା ବା ଜିଲ୍ଲା ଅଧିକାରୀଙ୍କୁ କ'ଣ ସୁପାରିଶ କରିପାରିବେ ?**

ଉ - ଯେଉଁ ସ୍ଥଳେ ଯଥାସ୍ଥିତି ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ କମିଟି ଏହି ସିଦ୍ଧାନ୍ତରେ ଉପନୀତ ହୁଅନ୍ତି ଯେ, ପ୍ରତିପକ୍ଷଙ୍କ ବିରୁଦ୍ଧରେ ଆଗତ ଅଭିଯୋଗଟି ପ୍ରମାଣିତ ହୋଇ ପାରି ନାହିଁ, ସେପରି ସ୍ଥଳେ ସଂପୃକ୍ତ ବ୍ୟାପାରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ନୁହେଁ ବୋଲି କମିଟି ନିଯୁକ୍ତିଦାତା ଓ ଜିଲ୍ଲା ଅଫିସରଙ୍କୁ ସୁପାରିଶ୍ କରିବେ ।

ଯେଉଁ ସ୍ଥଳେ ଯଥାସ୍ଥିତି ଆଭ୍ୟନ୍ତରୀଣ କମିଟି କିମ୍ବା ସ୍ଥାନୀୟ କମିଟି ଏହି ସିଦ୍ଧାନ୍ତରେ ଉପନୀତ ହୁଅନ୍ତି ଯେ, ପ୍ରତିପକ୍ଷଙ୍କ ବିରୋଧରେ ଆଗତ ଅଭିଯୋଗଟି ପ୍ରମାଣିତ ହୋଇପାରିଛି, ସେପରି ସ୍ଥଳେ କମିଟି ଯଥାସ୍ଥିତି ନିଯୁକ୍ତିଦାତା ବା ଜିଲ୍ଲା ଅଫିସରଙ୍କୁ ନିମ୍ନମତେ ସୁପାରିଶ୍ କରିବେ -

(କ) ପ୍ରତିପକ୍ଷଙ୍କୁ ପ୍ରଯୁଜ୍ୟ ହେଉଥିବା ଚାକିରି ନିୟମାବଳୀର ବ୍ୟବସ୍ଥାବଳୀ ଆଧାରରେ ଯୌନ-ଉତ୍ପୀଡ଼ନକୁ 'ଅସଦାଚରଣ' ଭାବେ ବିବେଚନା କରି ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କିମ୍ବା ଯେଉଁଠି ଏପରି କୌଣସି ନିୟମାବଳୀ ପ୍ରସ୍ତୁତ ହୋଇନାହିଁ, ସେପରି ସ୍ଥଳେ ବିହିତ ହୋଇଥିବା ପଦ୍ଧତିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ।

(ଖ) ପ୍ରତିପକ୍ଷଙ୍କୁ ପ୍ରଯୁଜ୍ୟ ହେଉଥିବା ଚାକିରି ନିୟମାବଳୀରେ ଯାହା ସ୍ଥାନିତ ହୋଇଥାଉନା କାହିଁକି ପ୍ରତିପକ୍ଷଙ୍କ ଦରମା ବା ମଜୁରୀରୁ ସେହି ପରିମାଣର

ଅର୍ଥରାଶି କାଟି ରଖାଯିବ, ଯାହାକି ପୀଡ଼ିତା ମହିଳା ବା ତାଙ୍କର ବିଧି ସମ୍ମତ ଉତ୍ତରାଧିକାରୀଙ୍କୁ ପଇଠ ପାଇଁ କମିଟିଙ୍କ ବିବେଚନାରେ ଯଥୋଚିତ ହୋଇଥିବ ଏବଂ ଯାହାକି ଧାରା ୧୫ର ବ୍ୟବସ୍ଥାବଳୀ ଅନୁସାରେ କମିଟିଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବ ।

ପରନ୍ତୁ ଯେଉଁ ସ୍ଥଳେ ପ୍ରତିପକ୍ଷ ନିଜ ଡ୍ୟୁଟିରୁ ଅନୁପସ୍ଥିତ ରହିବା ବା ଚାକିରୀ ଚାଲିଯିବା କାରଣରୁ ତାଙ୍କ ଦରମାରୁ ସଂପୃକ୍ତ ଅର୍ଥରାଶି କାଟି ରଖିବା ପାଇଁ ନିଯୁକ୍ତିଦାତା ସକ୍ଷମ ନହୁଅନ୍ତି, ସେପରି ସ୍ଥଳେ ପୀଡ଼ିତାଙ୍କୁ ସଂପୃକ୍ତ ଅର୍ଥରାଶି ପଇଠ କରିବା ପାଇଁ କମିଟି ପ୍ରତିପକ୍ଷଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି ।

ପୁଣି ପରନ୍ତୁ, ଯେଉଁସ୍ଥଳେ ପ୍ରତିପକ୍ଷ ପୀଡ଼ିତା ମହିଳାଙ୍କୁ ପ୍ରକରଣ (୨) ରେ ସୂଚୀତ ଅର୍ଥରାଶି ପଇଠ କରିବାରେ ବିଫଳ ହେବେ, ସେପରି ସ୍ଥଳେ ଯଥାସ୍ଥିତି ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ କମିଟି ସଂପୃକ୍ତ ଅର୍ଥରାଶିର ଆଦାୟ ପାଇଁ ଏକ ଅସୁଲି ଆଦେଶ (ରିକଭରି ଅର୍ଡର) ସଂପୃକ୍ତ ଜିଲ୍ଲା ଅଫିସରଙ୍କ ନିକଟକୁ ଅଭିପ୍ରେରଣ କରିବେ, ଯାହା ଫଳରେ ବକେୟା ଭୂରାଜସ୍ୱ ଅସୁଲ ହେବା ରୀତିରେ ସେହି ଅର୍ଥରାଶି ଅସୁଲ ହୋଇପାରିବ ।

ଯେଉଁ ସ୍ଥଳେ ଯଥାସ୍ଥିତି ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ କମିଟି ଏହି ସିଦ୍ଧାନ୍ତରେ ପହଞ୍ଚନ୍ତି ଯେ, ପ୍ରତିପକ୍ଷଙ୍କ ବିରୁଦ୍ଧରେ ଅଭିଯୋଗଟି ଅଭିସନ୍ଧି ପ୍ରଣୋଦିତ ଅଥବା ପୀଡ଼ିତା ମହିଳା ବା ଅନ୍ୟ କୌଣସି ବ୍ୟକ୍ତି ଅଭିଯୋଗଟି ମିଥ୍ୟା ବୋଲି ଜାଣିଶୁଣି ଏହାକୁ ଦାଏର୍ କରିଛନ୍ତି ଅଥବା ଅଭିଯୋଗ କରିଥିବା ପୀଡ଼ିତା ମହିଳା ବା ଅନ୍ୟ କୌଣସି ବ୍ୟକ୍ତି ଜାଲ୍ ବା ବିଭ୍ରାନ୍ତିକର କାଗଜପତ୍ର ଦାଖଲ କରିଛନ୍ତି, ସେପରି ସ୍ଥଳେ କମିଟି ଯଥାସ୍ଥିତି ଧାରା ୯ର ଉପଧାରା (୧) ବା ଉପଧାରା (୨) ଅଧିନରେ ଅଭିଯୋଗ କରିଥିବା ଯଥାସ୍ଥିତି ପୀଡ଼ିତା ମହିଳା ବା ଅନ୍ୟ କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଯଥାସ୍ଥିତି ନିଯୁକ୍ତିଦାତା ବା ଜିଲ୍ଲା ଅଫିସରଙ୍କୁ





ସୁପାରିଶ୍ କରିବେ, ଏବଂ ସଂପୃକ୍ତ ମହିଳା ବା ପୁରୁଷ ବ୍ୟକ୍ତିଙ୍କ ବିରୁଦ୍ଧରେ ଏହି କାର୍ଯ୍ୟାନୁଷ୍ଠାନ ତାଙ୍କ ପ୍ରତି ପ୍ରଯୁଜ୍ୟ ହେଉଥିବା ଚାକିରି ନିୟମାବଳୀ ଅନୁଯାୟୀ ଗ୍ରହଣ କରାଯିବ, କିମ୍ବା ଯେଉଁସ୍ଥଳେ ଏପରି କୌଣସି ଚାକିରି ନିୟମାବଳୀ ନାହିଁ, ସେପରି ସ୍ଥଳେ ବିହିତ ହୋଇଥିବା ମତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ।

ପରନ୍ତୁ ନିଜର ଅଭିଯୋଗକୁ କେବଳ ପ୍ରମାଣ କରିବାକୁ ଅକ୍ଷମ ହେଲେ କିମ୍ବା ପର୍ଯ୍ୟାପ୍ତ ପ୍ରମାଣ ଯୋଗାଇ ନପାରିଲେ ଏହି ଧାରା ଅଧିନରେ ଅଭିଯୋକ୍ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ନାହିଁ । ପୁଣି ପରନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସୁପାରିଶ୍ କରିବା ପୂର୍ବରୁ ଅଭିଯୋକ୍ତାଙ୍କର ମନ୍ଦ ଉଦେଶ୍ୟ ଥିଲା ବୋଲି ବିହିତ ପଦ୍ଧତିରେ ତଦନ୍ତ ଦ୍ୱାରା ସାବ୍ୟସ୍ତ ହୋଇଥିବ ।

**୪୬. କର୍ମଦାତା ବା ଜିଲ୍ଲା ଅଧିକାରୀ ଆଭ୍ୟନ୍ତରୀଣ ବା ସ୍ଥାନୀୟ ଅଭିଯୋଗ କମିଟିର ସୁପାରିଶ ଅନୁଯାୟୀ କାର୍ଯ୍ୟ କରିବାର ସମୟ ସୀମା କେତେ ?**

ଉ - ନିଯୁକ୍ତିଦାତା ବା ଜିଲ୍ଲା ଅଫିସର୍ ସଂପୃକ୍ତ ସୁପାରିଶ୍ ପାଇବାର ୬୦ ଦିନ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରିବେ ।

**୪୭. 'ପ୍ରତିପକ୍ଷଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗ ଭିତ୍ତିହୀନ' ବୋଲି ଜାଣି ପାରିଲେ ଆଭ୍ୟନ୍ତରୀଣ ବା ସ୍ଥାନୀୟ ଅଭିଯୋଗ କମିଟି କ'ଣ କରିବ ?**

ଉ - ଯେଉଁ ସ୍ଥଳେ ଯଥାସ୍ଥିତି ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ କମିଟି ଏହି ସିଦ୍ଧାନ୍ତରେ ପହଞ୍ଚନ୍ତି ଯେ, ପ୍ରତିପକ୍ଷଙ୍କ ବିରୁଦ୍ଧରେ ଅଭିଯୋଗଟି ଅଭିସନ୍ଧି ପ୍ରଣୋଦିତ ଅଥବା ପୀଡ଼ିତା ମହିଳା ବା ଅନ୍ୟ କୌଣସି ବ୍ୟକ୍ତି ଅଭିଯୋଗଟି

ମିଥ୍ୟା ବୋଲି ଜାଣିଶୁଣି ଏହାକୁ ଦାଏର୍ କରିଛନ୍ତି ଅଥବା ଅଭିଯୋଗ କରିଥିବା ପୀଡିତା ମହିଳା ବା ଅନ୍ୟ କୌଣସି ବ୍ୟକ୍ତି ଜାଲ୍ ବା ବିଭ୍ରାନ୍ତିକର କାଗଜପତ୍ର ଦାଖଲ କରିଛନ୍ତି, ସେପରି ସ୍ଥଳେ କମିଟି ଯଥାସ୍ଥିତି ଧାରା ୯ର ଉପଧାରା (୧) ବା ଉପଧାରା (୨) ଅଧିନରେ ଅଭିଯୋଗ କରିଥିବା ଯଥାସ୍ଥିତି ପୀଡିତା ମହିଳା ବା ଅନ୍ୟ କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଯଥାସ୍ଥିତି ନିଯୁକ୍ତିଦାତା ବା ଜିଲ୍ଲା ଅଫିସରଙ୍କୁ ସୁପାରିଶ୍ କରିବେ, ଏବଂ ସଂପୃକ୍ତ ମହିଳା ବା ପୁରୁଷ ବ୍ୟକ୍ତିଙ୍କ ବିରୁଦ୍ଧରେ ଏହି କାର୍ଯ୍ୟାନୁଷ୍ଠାନ ତାଙ୍କ ପ୍ରତି ପ୍ରଯୁଜ୍ୟ ହେଉଥିବା ଚାକିରି ନିୟମାବଳୀ ଅନୁଯାୟୀ ଗ୍ରହଣ କରାଯିବ, କିମ୍ବା ଯେଉଁସ୍ଥଳେ ଏପରି କୌଣସି ଚାକିରି ନିୟମାବଳୀ ନାହିଁ, ସେପରି ସ୍ଥଳେ ବିହିତ ହୋଇଥିବା ମତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ।

ପରନ୍ତୁ ନିଜର ଅଭିଯୋଗକୁ କେବଳ ପ୍ରମାଣ କରିବାକୁ ଅକ୍ଷମ ହେଲେ କିମ୍ବା ପର୍ଯ୍ୟାପ୍ତ ପ୍ରମାଣ ଯୋଗାଇ ନପାରିଲେ ଏହି ଧାରା ଅଧିନରେ ଅଭିଯୋକ୍ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ନାହିଁ ।

ପୁଣି ପରନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସୁପାରିଶ୍ କରିବା ପୂର୍ବରୁ ଅଭିଯୋକ୍ତାଙ୍କର ମନ୍ଦ ଉଦେଶ୍ୟ ଥିଲା ବୋଲି ବିହିତ ପଦ୍ଧତିରେ ତଦନ୍ତ ଦ୍ୱାରା ସାବ୍ୟସ୍ତ ହୋଇଥିବ ।

**୪୮. ଯଦି ଆଭ୍ୟନ୍ତରୀଣ ବା ସ୍ଥାନୀୟ ଅଭିଯୋଗ କମିଟି ପରିଶେଷରେ ଏହି ସିଦ୍ଧାନ୍ତରେ ପହଞ୍ଚିଥାନ୍ତି ଯେ ସାକ୍ଷୀ ମିଥ୍ୟା ତଥ୍ୟ ଦେଇଛି, ତେବେ ସେମାନେ କ'ଣ କରିବେ ?**

ଉ - ଯେଉଁ ସ୍ଥଳେ ଯଥାସ୍ଥିତି ଆଭ୍ୟନ୍ତରୀଣ କମିଟି କିମ୍ବା ସ୍ଥାନୀୟ କମିଟି ଏହି ସିଦ୍ଧାନ୍ତରେ ପହଂଚନ୍ତି ଯେ, ତଦନ୍ତ ସମୟରେ କୌଣସି ସାକ୍ଷୀ ମିଥ୍ୟା ପ୍ରମାଣ ଦେଇଛନ୍ତି ଅଥବା ଜାଲ୍ ବା ବିଭ୍ରାନ୍ତିକର କାଗଜପତ୍ର ଦାଖଲ କରିଛନ୍ତି, ସେପରି ସ୍ଥଳେ ସଂପୃକ୍ତ କମିଟି ଯଥାସ୍ଥିତି ସଂପୃକ୍ତ ସାକ୍ଷୀଙ୍କ ନିଯୁକ୍ତିଦାତା ବା ଜିଲ୍ଲା ଅଫିସରଙ୍କୁ ତାଙ୍କ ବିରୁଦ୍ଧରେ ତାଙ୍କ ପ୍ରତି ପ୍ରଯୁଜ୍ୟ ହେଉଥିବା ଚାକିରି ନିୟମାବଳୀ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସୁପାରିଶ କରିପାରନ୍ତି, କିମ୍ବା ଯେଉଁ ସ୍ଥଳେ ଏପରି କୌଣସି ଚାକିରି ନିୟମାବାଳୀ ନାହିଁ, ସେପରି ସ୍ଥଳେ ବିହିତ ହୋଇଥିବା ମତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ।

**୪୯. ଆଭ୍ୟନ୍ତରୀଣ ବା ସ୍ଥାନୀୟ ଅଭିଯୋଗ କମିଟି ପୀଡିତା ମହିଳାଙ୍କୁ କ୍ଷତି ପୂରଣ ବାବଦକୁ କିଛି ଅର୍ଥ ଦେବା ପାଇଁ ସୁପାରିଶ କରି ପାରିବେ କି ? ଯଦି ହଁ, ତେବେ କିଏ, କେଉଁ ଆଧାରରେ ଓ କିପରି ଦେବେ ?**

ଉ - ପୀଡିତା ମହିଳାଙ୍କୁ ଧାରା ୧୩ ଅଧିନସ୍ଥ ଉପଧାରା ୩ର ପ୍ରକରଣ (୨) ଅନୁଯାୟୀ ପଇଠ କରାଯିବାକୁ ଥିବା ଅର୍ଥରାଶି ନିର୍ଦ୍ଧାରଣ କରିବା ଉଦେଶ୍ୟରେ ଯଥାସ୍ଥିତି ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ କମିଟି ନିମ୍ନୋକ୍ତ ବିଷୟ ପ୍ରତି ଧ୍ୟାନ ଦେବେ -

(କ) ପୀଡିତା ମହିଳାଙ୍କ ପ୍ରତି ଘଟିଥିବା ମାନସିକ ଆଘାତ, ବେଦନା, ଯନ୍ତ୍ରଣା ଏବଂ ଆବେଗିକ କଷ୍ଟ ।

(ଖ) ଯୌନ ଉତ୍ପୀଡ଼ନ ଘଟିଥିବା କାରଣରୁ କ୍ୟାରିଅର୍‌ରେ ଉନ୍ନତିର ସୁଯୋଗ ହାତଛଡ଼ା ଜନିତ କ୍ଷତି ।

(ଗ ଶାରିରୀକ ଓ ମାନସିକ ଚିକିତ୍ସା ପାଇଁ ପୀଡିତା ବହନ କରିଥିବା ମେଡିକାଲ୍ ଖର୍ଚ୍ଚ ।

(ଘ) ପ୍ରତିପକ୍ଷଙ୍କ ରୋଜଗାର ଓ ଆର୍ଥିକ ସ୍ଥିତି ।

(ଙ) ସଂପୃକ୍ତ ଅର୍ଥରାଶିକୁ ଏକକାଳୀନ ବା କିସ୍ତି ଆକାରରେ ପଇଠ କରିବାର ସମ୍ଭାବନା ।

**୫୦. ଅଭିଯୋଗର ବିଷୟବସ୍ତୁ ଓ ଅନୁସନ୍ଧାନର ବିବରଣୀ ସର୍ବସାଧାରଣ କରିହେବ କି ?**

ଉ - ସୂଚନା ଅଧିକାର ଆଇନ୍‌ରେ ଯାହା ଥାଉନା କାହିଁକି, ଏହି ଆଇନ୍‌ର ଧାରା ୯ ବଳରେ ଦାଖଲ ହୋଇଥିବା ଅଭିଯୋଗର ବିଷୟବସ୍ତୁ, ପୀଡ଼ିତା ମହିଳା, ପ୍ରତିପକ୍ଷ ଓ ସାକ୍ଷୀମାନଙ୍କ ପରିଚୟ ଓ ଠିକଣା, ମିଳାମିଶା ବା ତଦନ୍ତର କାର୍ଯ୍ୟବିଧି ସମ୍ବନ୍ଧୀୟ ସୂଚନା, ଯଥାସ୍ଥିତି ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ କମିଟିର ସୁପାରିଶ ତଥା ଏହି ଆଇନ୍ ଅଧିନରେ ନିଯୁକ୍ତିଦାତା ବା ଜିଲ୍ଲା ଅଫିସରଙ୍କ ଦ୍ୱାରା ଗୃହୀତ କାର୍ଯ୍ୟାନୁଷ୍ଠାନ ବିଷୟରେ ତଥ୍ୟାବଳୀ କୌଣସି ପ୍ରକାରେ ସର୍ବସାଧାରଣ, ସମ୍ବାଦପତ୍ର କିମ୍ବା ପ୍ରସାରମାଧ୍ୟମ ସାମନାରେ ପ୍ରକାଶ, ପ୍ରସାର କିମ୍ବା ପ୍ରଘଟ କରାଯିବ ନାହିଁ ।

ପରନ୍ତୁ ଯୌନ ଉତ୍ପୀଡ଼ନର ଜଣେ ପୀଡ଼ିତା ମହିଳାଙ୍କୁ ଏହି ଆଇନ୍ ଅଧିନରେ କିପରି ନ୍ୟାୟ ମିଳିପାରିଛି ସେ ବିଷୟରେ ସୂଚନା ପ୍ରସାରଣ କରାଯାଇପାରେ, କିନ୍ତୁ ତାହା କଲାବେଳେ ପୀଡ଼ିତା ମହିଳା ତଥା ସାକ୍ଷୀମାନଙ୍କ ନାମ, ଠିକଣା, ପରିଚୟ ବା ଅନ୍ୟ କୌଣସି ସୂଚନା ଏଭଳି ଯୋଜନାବଦ୍ଧ ଭାବେ ପ୍ରକଟ କରାଯିବ ନାହିଁ ଯାହା ଫଳରେ ପୀଡ଼ିତା ମହିଳା ଏବଂ ସାକ୍ଷୀମାନଙ୍କର ପରିଚୟ ଆପେ ଆପେ ପଦାରେ ପଡ଼ିଯିବ ।

**୫୧. ଅଭିଯୋଗ କିମ୍ବା ଅନୁସନ୍ଧାନର ବିଷୟବସ୍ତୁକୁ ମୁଦ୍ରଣ କରିଲେ କିମ୍ବା କାହାକୁ ଜଣାଇଲେ କି ପ୍ରକାର ଦଣ୍ଡ ବିଧାନ ଅଛି ?**

ଉ - ଏହି ଆଇନ୍‌ର ବ୍ୟବସ୍ଥାବଳୀ ଅଧିନରେ ଅଭିଯୋଗ, ତଦନ୍ତ ବା କୌଣସି ସୁପାରିଶ୍ ବା କାର୍ଯ୍ୟାନୁଷ୍ଠାନକୁ ଦେଖାଶୁଣା ବା ବୁଝାବୁଝି ପାଇଁ ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ ଥାଏ ଓ ସେ ଧାରା ୧୬ର ବ୍ୟବସ୍ଥାବଳୀକୁ ଉଲ୍ଲଂଘନ କରନ୍ତି, ତେବେ ତାଙ୍କ ପ୍ରତି ପ୍ରଯୁଜ୍ୟ ହେଉଥିବା ଚାକିରି ନିୟମାବଳୀର ବ୍ୟବସ୍ଥାମାନ ଅନୁଯାୟୀ ସେ ଦଣ୍ଡନୀୟ ବୋଲି ବିବେଚିତ ହେବେ କିମ୍ବା ଯେଉଁ ସ୍ଥଳେ ଏପରି କୌଣସି ଚାକିରି





ନିୟମାବଳୀ ନାହିଁ, ସେପରି ସ୍ଥଳେ ବିହିତ ହୋଇଥିବା ମତେ ଦଣ୍ଡିତ ହେବେ ।

**୫୨. ଅପିଲ୍ କରିବା ପାଇଁ କି ସୁବିଧା ଅଛି ?**

ଉ - ଯେଉଁ ସ୍ଥଳେ ଜଣେ ବ୍ୟକ୍ତି ଧାରା ୧୩ର ଉପଧାରା ୨ ଅଧିନରେ କିମ୍ବା ଧାରା ୧୩ର ଉପଧାରା (୩)ର ପ୍ରକରଣ (୧) ବା (୨) ଅଧିନରେ କିମ୍ବା ଧାରା ୧୪ର ଉପଧାରା (୧) ବା (୨) ଅଧିନରେ କିମ୍ବା ଧାରା ୧୭ ଅଧିନରେ କରାଯାଇଥିବା ସୁପାରିଶ୍ ଫଳରେ ଅଥବା ଏହି ସୁପାରିଶ୍ କାର୍ଯ୍ୟକାରୀ ନହେବା ଫଳରେ ବ୍ୟଥିତ ହୁଅନ୍ତି, ତେବେ ତାଙ୍କ ପ୍ରତି ପ୍ରଯୁଜ୍ୟ ହେଉଥିବା ଚାକିରି ନିୟମାବଳୀର ବ୍ୟବସ୍ଥାମାନ ଅନୁଯାୟୀ ସେ ସଂପୃକ୍ତ କୋର୍ଟ କିମ୍ବା ଟ୍ରିବୁନାଲ୍ ପାଖରେ ଅପିଲ୍ କରିପାରିବେ କିମ୍ବା ଯେଉଁ ସ୍ଥଳେ ଏପରି କୌଣସି ଚାକିରି ନିୟମାବଳୀ ନଥିବ, ସେପରି ସ୍ଥଳେ ବର୍ତ୍ତମାନ ବଳବତ୍ତର ଅନ୍ୟ କୌଣସି ଆଇନ୍‌ର ବ୍ୟବସ୍ଥାବଳୀକୁ ବିରୁଦ୍ଧାଚରଣ ନକରି ସଂପୃକ୍ତ ପୀଡ଼ିତା ବ୍ୟକ୍ତି ବିହିତ ହୋଇଥିବା ମତେ ଅପିଲ୍ କରିପାରିବେ ।

**୫୩. ଅପିଲ୍ କରିବା ପାଇଁ ସମୟସୀମା କ'ଣ ?**

ଉ - ଧାରା-୧୮ର ଉପଧାରା (୧) ଅଧୀନସ୍ଥ ଅପିଲ୍ ସୁପାରିଶ ମିଳିବାର ୯୦ ଦିନ ମଧ୍ୟରେ ଦାଖଲ ହେବ ।

**୫୪. ବାର୍ଷିକ ବିବରଣୀ ଦାଖଲ କରିବାର ପଦ୍ଧତି କ'ଣ ?**

ଉ - ଯଥାସ୍ଥିତି ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ କମିଟି ପ୍ରତି କ୍ୟାଲେଣ୍ଡର୍ ବର୍ଷରେ ବିହିତ ହୋଇଥିବା ଫର୍ମରେ ଓ ସମୟରେ ଏକ ବାର୍ଷିକ ରିପୋର୍ଟ ପ୍ରସ୍ତୁତ କରିବେ ଓ ଏହାକୁ ନିଯୁକ୍ତିଦାତା ଓ ଜିଲ୍ଲା ଅଫିସରଙ୍କ ନିକଟରେ ଦାଖଲ କରିବେ ।

ଉପଧାରା (୧) ଅଧିନରେ ପ୍ରାପ୍ତ ବାର୍ଷିକ ରିପୋର୍ଟ ସମୂହର ଏକ ସଂକ୍ଷିପ୍ତ ରିପୋର୍ଟ ଜିଲ୍ଲା ଅଫିସର୍ ରାଜ୍ୟ ସରକାରଙ୍କ ନିକଟକୁ ଅଭିପ୍ରେରଣ କରିବେ ।

**୫୫. ବାର୍ଷିକ ବିବରଣୀର ବିଷୟବସ୍ତୁ କ'ଣ ହେବା ଉଚିତ୍ ?**

ଉ - ସଂପୃକ୍ତ ନିଯୁକ୍ତିଦାତା ଏହି ଆଇନ୍ ଅଧିନରେ ଦାଏର୍ ହୋଇଥିବା ଏବଂ ଫଇସଲା ହୋଇଥିବା କେଶ୍ ସଂଖ୍ୟା ତାଙ୍କ ସଂଗଠନର ବାର୍ଷିକ ରିପୋର୍ଟରେ ସ୍ଥାନିତ କରିଥିବେ ଅଥବା ଯେଉଁ ସ୍ଥଳେ ଏଭଳି ରିପୋର୍ଟ ପ୍ରସ୍ତୁତ କରିବା ଆବଶ୍ୟକ ହୁଏ ନାହିଁ, ସେପରି ସ୍ଥଳେ ସେ କେବଳ ସଂପୃକ୍ତ କେଶ୍ ସଂଖ୍ୟା ବିଷୟରେ ଜିଲ୍ଲା ଅଫିସରଙ୍କୁ ଜଣାଇବେ ।

**୫୬. ନିରିକ୍ଷଣ (ମନିଟରିଙ୍ଗ) କରିବାର କ'ଣ କାର୍ଯ୍ୟପ୍ରଣାଳୀ ଅଛି ?**

ଉ - ସମୁଚିତ ସରକାର ଏହି ଆଇନ୍‌ର କାର୍ଯ୍ୟକାରୀତାକୁ ତଦାରଖ କରିବେ ଏବଂ କାର୍ଯ୍ୟସ୍ଥଳୀରେ ଘଟିତ ଯୌନ ଉତ୍ପୀଡନ ସଂବନ୍ଧୀତ ସମସ୍ତ ମାମଲାର ଦରଜ ଓ ଫଇସଲା ଉପରେ ତଥ୍ୟାବଳୀ ଅନୁରକ୍ଷଣ କରିବେ ।

**୫୭. ଏହି ଆଇନ୍‌ର ପ୍ରସାର ଦିଗରେ ଯଥୋଚିତ ସରକାରଙ୍କ ଦ୍ୱାରା କି କି ପଦକ୍ଷେପ ନିଆଯିବା ଉଚିତ୍ ?**

ଉ - କାର୍ଯ୍ୟସ୍ଥଳୀରେ ଯୌନ ଉତ୍ପୀଡନରୁ ମହିଳାମାନଙ୍କୁ ସୁରକ୍ଷା ଦେଉଥିବା ଏହି ଆଇନ୍‌ର ବ୍ୟବସ୍ଥାବଳୀ ସଂବନ୍ଧରେ ଜନସାଧାରଣଙ୍କ ବୁଝାମଣାକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ପ୍ରସଙ୍ଗିକ ସୂଚନା, ପଠନ, ପ୍ରସାରଣ ଏବଂ ପ୍ରଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିପାରନ୍ତି ତଥା ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରିପାରନ୍ତି । ସ୍ଥାନୀୟ ଅଭିଯୋଗ କମିଟିର ସଭ୍ୟମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯିବା ଉଚିତ୍ ।

**୫୮. ଏହି ଆଇନ୍ ଅଧିନରେ ଯଥୋଚିତ ସରକାରଙ୍କର କେଉଁସବୁ କ୍ଷମତା ରହିଛି ?**

ଉ - ଯେଉଁସ୍ଥଳେ ସମୁଚିତ ସରକାର ହୃଦ୍‌ବୋଧ କରିବେ ଯେ, ଜନସ୍ୱାର୍ଥରେ କିମ୍ବା କାର୍ଯ୍ୟସ୍ଥଳୀର ମହିଳା କର୍ମଚାରୀମାନଙ୍କ ସ୍ୱାର୍ଥରେ ପଦକ୍ଷେପ ନେବା ଆବଶ୍ୟକ, ତେବେ ସେ ଲିଖିତ ଆଦେଶ ବଳରେ -





(କ) ଯୌନ ଉତ୍ପୀଡନ ସଂବନ୍ଧରେ ନିଜେ ଆବଶ୍ୟକ କରୁଥିବା ସୂଚନାବଳୀକୁ ଲିଖିତ ଭାବେ ଯୋଗାଇ ଦେବା ପାଇଁ ନିଯୁକ୍ତିଦାତା କିମ୍ବା ଜିଲ୍ଲା ଅଫିସରଙ୍କୁ କହିପାରିବେ ।

(ଖ) ଯୌନ ଉତ୍ପୀଡ଼ନ ସମ୍ବନ୍ଧୀତ ରେକର୍ଡପତ୍ର ଓ କାର୍ଯ୍ୟସ୍ଥଳୀ ଯାଞ୍ଚ କରିବା ପାଇଁ କୌଣସି ଜଣେ ଅଫିସରଙ୍କୁ କ୍ଷମତାନ୍ୟସ୍ତ କରିପାରନ୍ତି, ଯେ କି ସଂପୃକ୍ତ ଆଦେଶରେ ବିନିର୍ଦ୍ଦିଷ୍ଟ ହୋଇଥିବା ସମୟସୀମା ଭିତରେ ସରକାରଙ୍କ ନିକଟରେ ଉକ୍ତ ଯାଞ୍ଚ ସଂବନ୍ଧୀୟ ରିପୋର୍ଟ ଦାଖଲ କରିବେ ।

ଯାଞ୍ଚ କରୁଥିବା ଅଫିସରଙ୍କ ସମ୍ମୁଖରେ ସେ ରହିବା ମତେ ସଂପୃକ୍ତ ନିଯୁକ୍ତିଦାତା ଏବଂ ଜିଲ୍ଲା ଅଫିସର୍ ନିଜ ହେପାଜତରେ ଥିବା ଯାଞ୍ଚ ସଂବନ୍ଧୀତ ସମସ୍ତ ସୂଚନା, ରେକର୍ଡ ଓ ଅନ୍ୟ ଦଲିଲ୍‌ପତ୍ର ଦାଖଲ କରିବେ ।

**୫୯. ଆଇନ୍‌ର ବ୍ୟବସ୍ଥା ଗୁଡିକୁ ଅନୁପାଳନ ନକଲେ କ'ଣ ସବୁ ଦଣ୍ଡ ବିଧାନ ରହିଛି ?**

ଉ - ଯେଉଁ ସ୍ଥଳେ ନିଯୁକ୍ତିକର୍ତ୍ତା ବିଫଳ ହେବେ -

(କ) ଧାରା ୪ର ଉପଧାରା ୧ ଅଧିନରେ ଆଭ୍ୟନ୍ତରୀଣ କମିଟି ଗଠନ କରିବାରେ;

(ଖ) ଧାରା ୧୩, ୧୪ ଓ ୨୨ ଅଧିନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ, ଅଥବା

(ଗ) ଏହି ଆଇନ୍‌ର ଅନ୍ୟ କୌଣସି ବ୍ୟବସ୍ଥା କିମ୍ବା ତାହା ଅଧିନରେ ପ୍ରଣୀତ ନୀୟମାବଳୀକୁ ଉଲ୍ଲଂଘନ କଲେ, କିମ୍ବା ଉଲ୍ଲଂଘନ କରିବାକୁ ଉଦ୍ୟମ କଲେ କିମ୍ବା ଉଲ୍ଲଂଘନରେ ସହାୟତା କଲେ, ତେବେ ତାଙ୍କ ଉପରେ ପଚାଶ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାର ଦଣ୍ଡବିଧାନ କରାଯାଇ ପାରିବ ।

ଯଦି କୌଣସି ନିଯୁକ୍ତିଦାତା ଏହି ଆଇନ୍ ଅଧିନରେ ଏକ ଅପରାଧ ପାଇଁ

ପୂର୍ବରୁ ଦଣ୍ଡିତ ହୋଇଥିବେ ଓ ପରବର୍ତ୍ତୀ ସମୟରେ ପୁଣି ସେହି ଅପରାଧ ଘଟାନ୍ତି ଏବଂ ସେଥିପାଇଁ ଦୋଷୀସାବ୍ୟସ୍ତ ହୁଅନ୍ତି ତେବେ ନିମ୍ନ ପାଇଁ ଦଣ୍ଡବିଧାନ ହେବ–

(କ) ପ୍ରଥମଥର ଦୋଷୀସାବ୍ୟସ୍ତ ହୋଇଥିବା କାରଣରୁ ତାଙ୍କୁ ମିଳିଥିବା ଦଣ୍ଡର ଦ୍ୱିଗୁଣ, କିନ୍ତୁ ତାହା ସେହି ଏକା ଅପରାଧ ପାଇଁ ପ୍ରଯୁଜ୍ୟ ସର୍ବୋଚ୍ଚ ଦଣ୍ଡ ଭିତରେ ସୀମିତ ରହିବ। ପରନ୍ତୁ ଯେଉଁ ଅପରାଧ ପାଇଁ ସଂପୃକ୍ତ ଅଭିଯୁକ୍ତଙ୍କ ବିରୁଦ୍ଧରେ ଅଭିଯୋଗ କରାଯାଇଛି, ଯଦି ବର୍ତ୍ତମାନ ବିଲବତର ଅବା ଅନ୍ୟ କୌଣସି ଆଇନ ଅନୁଯାୟୀ ସେଥିପାଇଁ ଅଧିକ ଦଣ୍ଡ ବ୍ୟବସ୍ଥା ବିହିତ ହୋଇଥାଏ ତେବେ କୋର୍ଟ ଦଣ୍ଡ ଘୋଷଣା କଲାବେଳେ ତାହାକୁ ମଧ୍ୟ ଯଥୋଚିତ ସଂଜ୍ଞାନକୁ ନେବେ।

(ଖ) ସରକାର ବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ତାଙ୍କର ବ୍ୟବସାୟ ବା କାରବାର ପାଇଁ ଆବଶ୍ୟକ ଲାଇସେନସକୁ ରଦ୍ଦ, ଅଥବା ସ୍ଥଗିତ ରେଜିଷ୍ଟ୍ରେସନର ପ୍ରତ୍ୟାହାର, ନବୀକରଣର ଖାରଜ ବା ରଦ୍ଦ।

୨୦. ଏହି ଅପରାଧ ପାଇଁ କୋର୍ଟ (ନ୍ୟାୟାଳୟ) କେବେ ଆଇନଗତ ପଦକ୍ଷେପ ନେବ?

ଉ– ପୀଡ଼ିତା ମହିଳା ବା ଆଭ୍ୟନ୍ତରୀଣ କମିଟି କିମ୍ବା ସ୍ଥାନୀୟ କମିଟି ଦ୍ୱାରା ଏହି ଉଦ୍ଦେଶ୍ୟରେ କ୍ଷମତାପ୍ରାପ୍ତ କୌଣସି ବ୍ୟକ୍ତି ଦ୍ୱାରା ଦାଖଲ ହୋଇଥିବା ଅଭିଯୋଗ ବ୍ୟତିରେକ କୌଣସି କୋର୍ଟ ଏହି ଆଇନ ଅଥବା ଏହା ଅଧୀନରେ ପ୍ରଣୀତ ନିୟମାବଳୀ ଅନୁଯାୟୀ ଦଣ୍ଡନୀୟ ଏକ ଅପରାଧକୁ ସଂଜ୍ଞାନ କରିବେ ନାହିଁ।

ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ ବା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଠାରୁ ଅଧସ୍ତନ କୌଣସି କୋର୍ଟ ଏହି ଆଇନ ଅଧୀନରେ ଦଣ୍ଡନୀୟ ଏକ ଅପରାଧର ବିଚାର କରିବେ ନାହିଁ।

ଏହି ଆଇନ ଅଧୀନରେ ପ୍ରତି ଅପରାଧ ଅଣ-ଧର୍ତ୍ତବ୍ୟ ହେବ।